**ଫୁଟ୍‌ବଲ: ପେନାଲ୍ଟି ଶୁଟ୍‌ରେ ଷ୍ଟାର ୧୧ ବିଜୟୀ**

ରିଷିଡ଼ା (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲଠାରେ ମା' ମାହେଶ୍ୱରୀ ଫୁଟ୍‌ବଲ କ୍ଲବ ଆୟୋଜିତ ୧୨ ତମ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିନରେ ଷ୍ଟାର ୧୧ ଦଳ କୁସୁର୍ଲାକୁ ପେନାଲ୍ଟି ଶୁଟ୍‌ରେ ହରାଇ ବିଜୟ ଲାଭ କରିଥିଲା। ପୂର୍ବତନ କ୍ରୀଡ଼ାବିତ ପୀତାମ୍ବର ସାହୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳରେ ସୌଭାଗ୍ୟ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ରେଫରି ଅନିଲ ଚନ୍ଦନ ଖେଳ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ହାତୀପଲ ଦେଖି ବାଇକ୍‌ରୁ ପଡି ୨ ଗୁରୁତର

**ଲାଞ୍ଜିଗଡ଼, ୧୬।୧୧ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ମୂଷାନାଳ ସେକ୍ସନର ଦମାଘାଟି ନିକଟରେ ସୋମବାର ରାତିରେ ହାତୀପଲ ଦେଖି ବାଇକ୍‌ରେ ଯାଉଥିବା ୨ ଯୁବକ ତଳେ ପଡି ଗୁରୁତର ହୋଇଛନ୍ତି। ସୂଚନାନୁସାରେ ଯାମଟୁଆ ଗ୍ରାମର ଲଛମନ ସୁନା ଓ ଚନ୍ଦନ ବିଭାର କୌଣସି କାମରେ ମୂଷାନାଳ ଯାଇ ଯାମଟୁଆ ଫେରୁଥିବା ସମୟରେ ଦମାଘାଟି ନିକଟରେ ହାତୀପଲ ରାସ୍ତାପାର ହେଉଥିବା ସମୟରେ ସାମ୍ନାସାମ୍ନି ହୋଇଥିଲେ। ପରେ ଭାରସାମ୍ୟ ହରାଇ ବାଇକ୍ ସହିତ ଉଭୟ ତଳେ ପଡିଯାଇଥିଲେ। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ ହାତୀପଲ ସେଠାରୁ ପଳାଇଥିଲେ। ପରେ ବନବିଭାଗ କର୍ମଚାରୀ ପହଞ୍ଚି ଉଭୟଙ୍କୁ ବିଶ୍ୱନାଥପୁର ଡାକ୍ତରଖାନା ପହଞ୍ଚାଇଥିଲେ। ସେଠାରେ ଲଛମନଙ୍କ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

### ୨୦ରୁ ସରିଆଁ ହାଇସ୍କୁଲର ରଜତ ଜୟନ୍ତୀ ସମାରୋହ

**ପଲମ, ୧୬।୧୨ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ରଜତ ଜୟନ୍ତୀ ସମାରୋହ ଡିସେମ୍ବର ୨୦ ଓ ୨୧ ତାରିଖରେ ପାଳନ ହେବ। ଉଚ୍ଚ ବିଦ୍ୟାଳୟରେ ଏ ନେଇ ପ୍ରସ୍ତୁତି ଚାଲିଥିବା ପୁରାତନ ଛାତ୍ରସଂସଦ ସଭାପତି ଓମ୍‌ପ୍ରକାଶ ଛତ୍ରିଆ ସୂଚନା ଦେଇଛନ୍ତି। ପ୍ରଥମ ଦିବସରେ ମଶାଲ ଯାତ୍ରା, ଗୁରୁପୂଜନ, ବନ୍ଧୁମିଳନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ଦିବସରେ ସମ୍ବର୍ଦ୍ଧନା ପର୍ବ, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବଲପୁରୀ ମେଲୋଡି ଆୟୋଜନ ହେବ। ଏହି ଅବସରରେ ଏକ ରକ୍ତଦାନ ଶିବିର ସହ ସ୍ମରଣିକା ଉନ୍ମୋଚନ ହେବ ବୋଲି ପୁରାତନ ଛାତ୍ରସଂସଦର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

### ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ଖଡ଼ିଆଳ, ୧୬।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ରିଷିଗାଁ ପଞ୍ଚାୟତରେ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସିଡିଏମ୍‌ଓ ଡା. ଧନେଶ୍ୱର ସେଠୀ, ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ବିଡିଓ ମିଳନ କୁମାର ଝାଙ୍କର, ସ୍ଥାନୀୟ ସରପଞ୍ଚ ସୁବାସ ନାଗ, ଜିପିଇଓ ଦେବୀ ପ୍ରସାଦ ମେହେର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ଗାଁର ୨ଜଣ ଗର୍ଭବତୀଙ୍କୁ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଓ ଉପହାର ଭେଟି ଦେଇଥିଲେ। ଏହାପରେ ଜିଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂରକରିବା ଉପରେ ଆଲୋଚନା ହୋଇଥିଲା। ଅଧିକାରୀମାନେ ପ୍ରବାସୀ ଶ୍ରମିକ ପ୍ରଥାକୁ କିଭଳି ନିରାକରଣ କରାଯାଇପାରିବ ସେ ବିଷୟରେ ସୂଚନା ଦେଇଥିଲେ। ଏହା ସହ ବିବାହ ତଥା ପର୍ବପର୍ବାଣିରେ ପ୍ଲାଷ୍ଟିକ୍ ଖଲି ଦନା ଗ୍ଲାସ୍ ଇତ୍ୟାଦିର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲାପାଳ ବର୍ତ୍ତନ ବ୍ୟାଙ୍କର ଉଦ୍‌ଘାଟନ କରିଥିଲେ।

### ଜୁନାଗଡ଼ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଜୁନାଗଡ଼, ୧୬।୧୨ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ପିଏମ୍ ଶ୍ରୀ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ (ଜିତ୍ କା ଜଲୱା) ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜୁନାଗଡ଼ ନଗରପାଳିକା ହିମାଦ୍ରି ନାଏକ ମୁଖ୍ୟ ଅତିଥି, ଶିକ୍ଷାବିତ ତ୍ରିଲୋଚନ ସିଂ ମୁଖ୍ୟ ବକ୍ତା ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ ମାଝୀ, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ଆଲୁମ୍ନି କମିଟି ସଭାପତି ସନ୍ତୋଷ ସିଂଦେଓ, ପରିଚାଳନା କମିଟି ସଭାପତି, ସଭ୍ୟା ବିରୁପାକ୍ଷ ନାଏକ, ହିମାଦ୍ରି ସିନ୍ଧୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ମଳୟ କୁମାର ମୁଣ୍ଡ ସ୍ୱାଗତ ଅଭିଭାଷଣ ଓ ଶିକ୍ଷକ ବିଭୁ ଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଭୋଟର ସଚେତନତା ନିମନ୍ତେ ତତ୍ପରତା

**ନିର୍ବାଚନୀ ସାକ୍ଷରତା କ୍ଲବ ଗଠନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ**



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ଭବାନୀପାଟଣା, ୧୬।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ନିର୍ବାଚନୀ ସାକ୍ଷରତା କ୍ଲବ ଗଠନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ୫ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଜିଲା ଶିକ୍ଷା ଅଧିକାରୀ, କଳାହାଣ୍ଡି ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସମସ୍ତ ସଭ୍ୟସଭ୍ୟାଙ୍କୁ ସ୍ୱାଗତ କରି ଭୋଟର ସଚେତନ ନିମନ୍ତେ ନିର୍ବାଚନୀ ସାକ୍ଷରତା କ୍ଲବ ଗଠନ ପାଇଁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ କଲେଜର ଅଧ୍ୟକ୍ଷ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଫର୍ମ ପ୍ରକ୍ରିୟାକରଣ, ବୁକ-ଏ-କଲ ଓ ଭୋଟରଙ୍କ ମ୍ୟାପିଂରେ ଉନ୍ନତି ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କଳାହାଣ୍ଡି ଜିଲାରେ ନୂତନ ଭାବେ ଗଠିତ ହୋଇଥିବା ୨୯୨ ଭୋଟ ଗ୍ରହଣ କେନ୍ଦ୍ର ବିଷୟରେ ସମସ୍ତ ରାଜନୈତିକ ଦଳର ସଭାପତି ଓ ସମ୍ପାଦକମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଏହାର ଏକ ନକଲ ସଭାପତି ଓ ସମ୍ପାଦକମାନଙ୍କୁ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଧର୍ମଗଡ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରବୋସନ) ଅନିମେଷ ପ୍ରଧାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଡେପୁଟି କଲେକ୍ଟର ମନୀଷା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ଦରୱାନ ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରସ୍ତୁତି ବୈଠକ

**ଥୁଆମୂଳ ରାମପୁର, ୧୬।୧୨ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭା ଗୃହଠାରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ୨୮ ତମ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କିଭଳି ଅଧିକ ଆକର୍ଷଣୀୟ ହେବ ସେ ନେଇ ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ଓ ବ୍ଲକ ଅଧ୍ୟକ୍ଷ ମାଝୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଆସନ୍ତା ଜାନୁଆରୀ ୬ ଓ ୭ ତାରିଖରେ ବ୍ଲକ ସଦର ବାବା ଖଣ୍ଡୁଆଳ ଖେଳ ପଡିଆଠାରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଏହାର ପରିଚାଳନା ପାଇଁ ବ୍ଲକସ୍ତରୀୟ କମିଟି, ଉପବିଭାଗୀୟ କମିଟି, ମଶାଲ ଯାତ୍ରା କମିଟି, ଅତିଥି ସମ୍ବର୍ଦ୍ଧନା କମିଟି, ମଞ୍ଚ ସାଜସଜ୍ଜା କମିଟି, ସାଂସ୍କୃତିକ ନୃତ୍ୟ ଦଳ ଆଦି କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ବ୍ଲକ ପ୍ରତିନିଧି ପବିତ୍ର ନାଏକ, ତହସିଲଦାର ସନାତନ ମହାରଣା, ଏଇଇ ସାଲ୍ଖୁ ହେମ୍ବ୍ରମ, ବିଏସ୍‌ଏସ୍‌ଓ ସୁନାରାମ ସରେନ, ଏମ୍‌ଆଇ ବିଭୂରଞ୍ଜନ ସାହୁ, ଏପିଓ ଭକ୍ତ ସେଠୀ, ଆର୍‌ଏଚ୍ ରାଜେନ୍ଦ୍ର ନାରାୟଣ ଦେବ, କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବେହେରା, ସରପଞ୍ଚ ସଂଘ ସଭାପତି ତଥା ଥୁଆମୂଳ ସରପଞ୍ଚ ବଳଭଦ୍ର ଜାନି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ ଛାତ୍ରୀଛାତ୍ର।

**ଖଡ଼ିଆଳ, ୧୬।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳଠାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ପ୍ରଭୁଙ୍କ ସମାଧି ପୀଠରେ ଧୂପପୁଷ୍ପ ଅର୍ପଣ ଓ ନୀରବ ଧ୍ୟାନ ହୋଇଥିଲା। ପରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷା ସୁନିତି ଅପାଙ୍କ ଦ୍ୱାରା ପାଠଚକ୍ର କରାଯାଇ ଶ୍ରୀ ଅରବିନ୍ଦ ଓ ଶ୍ରୀମା'ଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଶ୍ରୀବତ୍ସ ବାରିକ, ସମ୍ପାଦକ ସବିତା ଅପା, ସଭାପତି ରାମ ଚନ୍ଦ୍ର ମିଶ୍ର, ଚୁମୁକି ଅପା, ଜିତେନ୍ଦ୍ର ବାରିକ, ଉମେଶ ବନଛୋର, ପାନଜଳି ବଞ୍ଛୋର, ରାଜଶ୍ରୀ ନାୟକ, ସୁମନ୍ତ ନାଏକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭେଲା, କୋମନା ଆଦି ଅଞ୍ଚଳରୁ ମାତୃଭକ୍ତ ଯୋଗଦେଇଥିଲେ। ୨୦୦୩ରେ ଏଠାରେ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହୋଇଥିଲା।

# ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲାସ୍ତରୀୟ ବୈଠକ



ଶିଶୁ ନିରାକରଣ ଉପରେ ଆଲୋଚନା କରାଯାଉଛି।

**ନୂଆପଡ଼ା, ୧୬।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଶ୍ରମ ଅଧିକାରୀ ଜସମିନ ପ୍ରିୟଦର୍ଶିନୀ ସାହୁ, ସହ ନିର୍ଦ୍ଦେଶକ ଶ୍ରମ ବିଭାଗ ରବିନ୍ଦ୍ର ବାର୍ଲା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ, ଜିଲା ସଂସ୍କୃତି ଅଧିକାରୀ ରମେଶ କୁମାର ମାହାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରେଶମ ଲାଲ ନାଏକ ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଜିଲାରେ ଶିଶୁ ଶ୍ରମିକ ନିରାକରଣ ପାଇଁ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ଜିଲା ସ୍ତର ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ଶିଶୁ ଶ୍ରମିକ ନିରାକରଣ ଉପରେ ସଚେତନତା ଶିବିର ଆୟୋଜନ ହେବ। ଆଗାମୀ ୨୪ରେ ନୂଆପଡା ସଦର ମହକୁମାଠାରେ ଏଥିପାଇଁ ରାହାଗିରି ଆୟୋଜନ କରାଯିବ। ଏହା ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବ। ଜିଲାର ସମସ୍ତ ଜନସାଧାରଣଙ୍କୁ ଉକ୍ତ ଉତ୍ସବରେ ଭାଗ ନେବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି।

### ଚାଲାଣ ବେଳେ ୩୨ କୁଇଣ୍ଟାଲ ଧାନ ଜବତ

**ରିଷିଡ଼ା, ୧୬।୧୨ (ସୁଶାନ୍ତ ମଲ୍ଲିକ)**

କର୍ଲାମୁଣ୍ଡା ବ୍ଲକ ଅବୁଜବାହାଲ ଗ୍ରାମର ଜନୈକ ବ୍ୟବସାୟୀ ନିଜ ପିକ୍‌ଅପ୍ ୪୦୭ ଗାଡ଼ିରେ ବେଆଇନ ଧାନ ନେଉଥିବା ବେଳେ ରିଷିଡ଼ା ପୋଲିସ ହାବୁଡ଼ରେ ପଡ଼ିଛି। ରିଷିଡ଼ା ଫାଣ୍ଡି ଅଧିକାରୀ ମନୁଆ ବିଡିକା ଉକ୍ତ ଗାଡ଼ି (ଓଡ଼ି୦୩ଡି-୨୭୮୫) ଜବତ କରି ଯୋଗାଣ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସହକାରୀ ଜିଲା ଯୋଗାଣ ଅଧିକାରୀ ସୋନାଲି ଖରା, ଭବାନୀପାଟଣା ମ୍ୟୁନିସିପାଲିଟିର ସରକାରୀ ଯୋଗାଣ ଅଧିକାରୀ ପ୍ରତିଭା ପ୍ରଧାନ, କର୍ଲାମୁଣ୍ଡା ଯୋଗାଣ ନୀରକ୍ଷକ ସ୍ମୃତିରଞ୍ଜନ ଜେନା, ନର୍ଲା ଯୋଗାଣ ନୀରକ୍ଷକ ପ୍ରଶାନ୍ତ ଶ୍ରୀଚନ୍ଦନ ପ୍ରମୁଖ ପହଞ୍ଚି ଗାଡ଼ି ସହ ସେଥିରେ ଥିବା ୩୨ କୁଇଣ୍ଟାଲ ୬୮କେଜି ଧାନ ଜବତ କରିଥିଲେ। ଜବତ ଗାଡ଼ି ଓ ଧାନ ନିକଟସ୍ଥ ଲକ୍ଷ୍ମୀ ନାରାୟଣ ରାଇସ ମିଲ, ଗଜବାହାଲରେ ରଖାଯାଇଛି। ପୋଲିସର ଅଚାନକ ଚଡାଉ ନେଇ ଧାନବେପାରୀ ମହଲରେ କୋକୁଆ ଭୟ ସୃଷ୍ଟି ହୋଇଛି।

# କାନ୍ଦୁଲଝର କ୍ରିକେଟ୍ ମହୋତ୍ସବ: ଟୁକଲା ବିଜୟୀ



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିଗଣ।

**ଭବାନୀପାଟଣା, ୧୬।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କାନ୍ଦୁଲଝର ଫରେଷ୍ଟ ହିଲ ଖେଳପଡିଆଠାରେ ମଙ୍ଗଳବାର କାନ୍ଦୁଲଝର କ୍ରିକେଟ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ଟୁକଲା ଓ ଗୁଡ଼ଟୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁକଲା ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରିଥିଲା। ଜବାବରେ ଗୁଡ଼ଟୁଲା ଦଳ ୧୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଟୁକଲା ୯ ରନରେ ବିଜୟୀ ହୋଇଥିଲା। ଖେଳକୁ ଝିଙ୍କୁ ଜୁଆଡ଼ ଓ ଟଙ୍କ ବନ୍ଛୋର ପରିଚାଳନା କରିଥିଲେ। ଏହାସହ ମ୍ୟାଚ ରେଫରି ଭାବେ ଦେବିଲାଲ ଜୁଆଡ଼ ଦାୟିତ୍ୱ ତୁଲାଇଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅର୍ତ୍ତଳ ସରପଞ୍ଚ ଦଶମତି ବେମାଲ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟା ଜନନୀ ବେମାଲ, ଆଲୋକ ପଟେଲ, ଲକ୍ଷ୍ମୀ ପଟେଲ, ଜିତୁ ଜୁଆଡ଼ ଯୋଗଦେଇଥିଲେ।

### ୧୯୮୨ ସ୍ନାତକ ବ୍ୟାଚ୍‌ର ବନ୍ଧୁମିଳନ

**ଧର୍ମଗଡ଼, ୧୬।୧୨ (ଘାସିରାମ ଜଗତ):** ସରକାରୀ ମହାବିଦ୍ୟାଳୟ ଭବାନୀପାଟଣାରୁ ୧୯୮୨ ମସିହାରେ ସ୍ନାତକ ଡିଗ୍ରୀପ୍ରାପ୍ତ ଛାତ୍ରଙ୍କ ଷଷ୍ଠ ବାର୍ଷିକ ବନ୍ଧୁମିଳନ ଧର୍ମଗଡ଼ ଉପଖଣ୍ଡର ପର୍ଯ୍ୟଟନସ୍ଥଳୀ ଡୋକରି ଚଞ୍ଚରାଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପୂର୍ବତନ ବିଧାୟକ ମୌଷଧି ବାଗ, ଗୋବର୍ଦ୍ଧନ ବାଗ, ପ୍ରେମଲାଲ ନାଏକ, ସନ୍ତୋଷ ମେହେର, ମହମ୍ମଦ ବୁରହାନ, ରଫିଉଦ୍ଦିନ ଖାନ, ଲୋକନାଥ ବେହେରାଙ୍କ ନେତୃତ୍ୱରେ ୪୮ ଜଣ ସହପାଠୀ ଯୋଗଦେଇ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା ସହ ୫ଜଣ ଦିବଂଗତ ସାଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସର୍ବଶ୍ରୀ ନବକିଶୋର ସାହୁ, ଅଜିତ କୁମାର ବେହେରା, ଜୟପ୍ରକାଶ ପଣ୍ଡା, ଟୁନା ପ୍ରହରାଜ, ସନ୍ତୋଷ ଠାକୁର, ଚିତ୍ରସେନ ଜାଲ, ଗଣେଶ ରାଉତ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନବଜାତ ଶିଶୁପୁତ୍ର, ପ୍ରସୂତି ମହିଳାଙ୍କ ମୃତ୍ୟୁ

**କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

**ଚିକିତ୍ସା ଅବହେଳାକୁ ଦାୟୀକରି ଜିଲାପାଳଙ୍କୁ ଅଭିଯୋଗ**

**କେସିଙ୍ଗା, ୧୬।୧୨ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଚିକିତ୍ସା ଅବହେଳାରୁ ଏକ ନବଜାତ ଶିଶୁପୁତ୍ର ସହ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ପରିବାର ଲୋକେ ଜିଲାପାଳଙ୍କୁ ଅଭିଯୋଗକରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନା ଅନୁସାରେ ନର୍ଲା ବ୍ଲକ ଗିଗିନା ପଞ୍ଚାୟତ ଚୌକିପଦର ଗ୍ରାମ ମାଝୀପଡାର ସୁରଜିତ ମାଝୀ ସ୍ତ୍ରୀ ବେଲ ମାଝୀ (୩୪)ଙ୍କ ପ୍ରସବ ତାରିଖ ନିକଟତର ହୋଇଥିବାରୁ ଗତ ୧୩ତାରିଖରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏପରି ସ୍ଥଳେ ୧୪ ତାରିଖ ସକାଳ ସାଢେ ୫ଟା ସମୟରେ ବେଲ ଡାକ୍ତରଖାନାର ଶୌଚାଳୟକୁ ପରିସ୍ରା ପାଇଁ ଯାଇଥିବାବେଳେ ସେଠାରେ ଏକ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଏହାପରେ ପ୍ରଚୁର ରକ୍ତସ୍ରାବ ଯୋଗୁ ବେଲ ଗୁରୁତର ହୋଇପଡ଼ିଥିଲେ। ଏହି ସମୟରେ କାର୍ଯ୍ୟରତ ନର୍ସିଂ ଅଫିସର ଅନୁପସ୍ଥିତ ଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ତଥା ସ୍ତ୍ରୀରୋଗ ବିଶେଷଜ୍ଞ ସକାଳ ସାଢେ ୬ଟାରେ ତାଙ୍କୁ ଭବାନୀପାଟଣା ମୁଖ୍ୟ ହସ୍ପିଟାଲକୁ ରେଫର କରିଥିଲେ। ହେଲେ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ପରେ ସେମାନେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ସ୍ତ୍ରୀରୋଗ ବିଶେଷଜ୍ଞ କିମ୍ବା ନର୍ସିଂ ଅଫିସର ନ ଥିବାରୁ ନବଜାତ ଶିଶୁପୁତ୍ର ଓ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି ବୋଲି ସୁରଜିତ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବରରେ ଅଭିଯୋଗ କରିଛନ୍ତି। ଜିଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିବା ସୁରଜିତ କହିଛନ୍ତି। ଏ ନେଇ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ପ୍ରୟାଗ ପ୍ରତିଶ୍ରୁତି ମାଝୀଙ୍କୁ ପଚାରିବାରୁ ଗରିବ ଲୋକ ହୋଇଥିବାରୁ ବହୁ ସୁବିଧା ଓ ଯତ୍ନ ସହକାରେ ଚିକିତ୍ସା ସେବା କରାଯାଇଛି ବୋଲି ପ୍ରକାଶ କରିଥିଲେ।

# କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**କର୍ଲାମୁଣ୍ଡା, ୧୬।୧୨ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକ ଅଧ୍ୟକ୍ଷା କୁନି ସାହୁଙ୍କ ଅଧ୍ୟକ୍ଷତାରେ ଆଗାମୀ ଜାନୁଆରୀରେ ହେବାକୁ ଥିବା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ସୁଚରିତା ମୁଗ୍ରୀ, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ତହସିଲଦାର ଅରୁଣ ବର୍ଗେ, କର୍ଲାମୁଣ୍ଡା ଖ ଜୋନ୍ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ବ୍ଲକ କଳା ଓ ସଂସ୍କୃତି ସଂଘ ଉପସଭାପତି ଭାଗୀରଥି ଷଡ଼ଙ୍ଗୀ, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଅବସରପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ଫାଣ୍ଡି ଅଧିକାରୀ ଥବିର ବରିହା, ସାଂସଦ ପ୍ରତିନିଧି ହୃଦାନନ୍ଦ ସାହୁ, ବିଧାୟକ ପ୍ରତିନିଧି କାହ୍ନୁଚରଣ ସାହୁ ପ୍ରମୁଖ ଯୋଗଦେଇ ଉତ୍ସବ ପାଳନ ପାଇଁ ବିଭିନ୍ନ ବିଭାଗର ଦାୟିତ୍ୱ ବଣ୍ଟନ ସହ ଯୋଜନା ପ୍ରସ୍ତୁତ କରିଥିଲେ।



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

# ଘରୋଇ ହିଂସା ରୋକିବା ଉପରେ ଗୁରୁତ୍ୱ

**ନୂଆପଡ଼ା, ୧୬।୧୨ (ମକାରୁ ବେମାଲ)**

ଜିଲା ମହିଳା ସଶକ୍ତୀକରଣ କେନ୍ଦ୍ର ଓ ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଘରୋଇ ହିଂସା ପ୍ରତିରୋଧ ଆଇନ ସମ୍ପର୍କିତ ଏକ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ଏହାକୁ ଉଦ୍‌ଘାଟନ କରି ଘରୋଇ ହିଂସାକୁ କିପରି ରୋକାଯାଇପାରିବ ସେ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଏସ୍ ଗୀତା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ସିଡିଏମ୍‌ଓ ଡା. ଧନେଶ୍ୱର ସେଠୀ, ଅତିରିକ୍ତ ଏସ୍‌ପି ରଣଜିତ ନାୟକ, ବରିଷ୍ଠ ଓକିଲ ମୁରଲୀଧର ପଣ୍ଡା, ଓକିଲ ନାରାୟଣ ପ୍ରସାଦ ଯୋଶୀ, ଡା ଉମାକାନ୍ତ ମେହେର, ମହିଳା ଓ ଶିଶୁ ସେଲ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତି ଦାସ, ସୁରକ୍ଷା ଅଧିକାରୀ ମଞ୍ଜୁଲତା ଶୁକ୍ଲା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଘରୋଇ ହିଂସା ପ୍ରତିରୋଧ ଆଇନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅଧିକାରୀମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ପ୍ରୋଗ୍ରାମ ଅଫିସର, ସିଡିପିଓ, ସମସ୍ତ ଥାନାର ପୋଲିସ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, ସଖି ସେଣ୍ଟର କାର୍ଯ୍ୟକର୍ତ୍ତା, ପରିବାର ପରାମର୍ଶ କେନ୍ଦ୍ର ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଶୁକ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।



ଘରୋଇ ହିଂସା ଉପରେ ଆଲୋଚନା କରାଯାଉଛି।

# ଧାନରେ ଇନ୍‌ପୁଟ୍ ଆସିଷ୍ଟାଣ୍ଟ ହ୍ରାସ, ବଢ଼ିଲା ଅସନ୍ତୋଷ

**ବରଗଡ଼,୧୬ା୧୨(ପ୍ରେମାନନ୍ଦ ଖମାରୀ)**

## ଥିଲା କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା, ହେଲା ୭୩୧ ଟଙ୍କା


କଳାପାଣି ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ।

ବରଗଡ଼ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ଆଉ ୨ଦିନ ପରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ୩ସପ୍ତାହ ପୂରିବ। ଅଥଚ ଏପର୍ଯ୍ୟନ୍ତ ଧାନ ବିକ୍ରିବଟା ସ୍ୱାଭାବିକ ହୋଇପାରି ନାହିଁ। ଜିଲାର ମଣ୍ଡିକୁ ବିକ୍ରି ପାଇଁ ଯେଉଁ ହାରରେ ଧାନ ଆସୁଛି, ସେହି ଅନୁପାତରେ ଧାନ କିଣାଯାଉ ନଥିବା ଅଭିଯୋଗ ହେଉଛି। ଫଳରେ ମଣ୍ଡି ଗୁଡ଼ିକରେ ବିକ୍ରି ଅପେକ୍ଷାରେ ପଡ଼ି ରହୁଥିବା ଧାନ ଦିନକୁ ଦିନ ବଢ଼ିବାରେ ଲାଗିଛି। କେବଳ ସେତିକି ନୁହେଁ, ଜିଲାର ଅନେକ ଚାଷୀଙ୍କ ପାଖକୁ ଏପର୍ଯ୍ୟନ୍ତ ଧାନବିକ୍ରି ଟୋକନ ମଧ ପହଞ୍ଚି ପାରି ନାହିଁ। ଅନ୍ୟପଟେ ଏଥର କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୬୯ଟଙ୍କା ବୃଦ୍ଧି କରିଥିବାରୁ ଚାଷୀ ମହଲରେ ଖୁସି ପ୍ରକାଶ ପାଇଥିଲା। ମାତ୍ର ରାଜ୍ୟ ସରକାର ଧାନ କୁଇଣ୍ଟାଲ ବାବଦକୁ ଦେଉଥିବା ଇନପୁଟ୍ ଆସିଷ୍ଟାଣ୍ଟରୁ ୬୯ ଟଙ୍କା ହ୍ରାସ କରି ଦେଇଛନ୍ତି। ପୂର୍ବରୁ ଚାଷୀମାନେ ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ୍ ଆସିଷ୍ଟାଣ୍ଟ ପାଉଥିଲେ। ମାତ୍ର ଏବେ ଚାଷୀଙ୍କୁ ଇନପୁଟ୍ ଆସିଷ୍ଟାଣ୍ଟ ବାବଦକୁ ଚାଷୀଙ୍କୁ ଧାନ କୁଇଣ୍ଟାଲ ବାବଦକୁ ୭୩୧ ଟଙ୍କା ପ୍ରଦାନ କରାଯାଉଛି। ଏହାକୁ ନେଇ ସରକାରଙ୍କ ବିରୋଧରେ ଚାଷୀମାନେ ବିଷୋଦଗାର କରିଥିବା ବେଳେ ଅସନ୍ତୋଷ ତେଜି ଉଠିଛି।

ଅନ୍ୟବର୍ଷ ତୁଳନାରେ ଏଥର ଧାନ କିଣାବିକାରେ ଚାଷୀମାନଙ୍କୁ ଅଧିକ ହଇରାଣ ହରକତ ହେବାକୁ ପଡିଛି। ଜିଲାରେ ପ୍ରଥମଥର ପାଇଁ ଅନ୍ୟବର୍ଷ ତୁଳନାରେ ପ୍ରାୟ ମାସେ ପରେ ଅର୍ଥାତ୍ ଗତମାସ ୨୮ତାରିଖ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ସହିତ ମଣ୍ଡି ଗୁଡ଼ିକ ଖୋଲିଥିଲା। କିନ୍ତୁ ଏପର୍ଯ୍ୟନ୍ତ ଟୋକନ ସମସ୍ୟା ଯୋଗୁ ଜିଲାରେ ବିଭିନ୍ନ ମଣ୍ଡିରେ ଧାନ କିଣାବିକା ହୋଇ ପାରି ନାହିଁ। ଏଭଳି ସ୍ଥିତିକୁ ନେଇ ୩ଦିନ ତଳେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଗୋଡ଼ତଳେ ଧାନବସ୍ତା ରଖି ମୁଣ୍ଡିଆ ମାରିବା ସହିତ ସମସ୍ୟା ସମାଧାନ ପାଇଁ ଆକୁଳ ନିବେଦନ କରିଥିଲେ।

ଏହାସତ୍ତ୍ୱେ ଜିଲାରେ ଧାନ କିଣାବିକା ସମସ୍ୟାରେ ସୁଧାର ଆସି ନାହିଁ। ଏବଂ ଆଗାମୀ ଫସଲ ପାଇଁ ଚାଷୀମାନେ ପ୍ରସ୍ତୁତ ମଧ ହୋଇ ପାରୁ ନାହାନ୍ତି। ଅନ୍ୟପଟେ ଧାନବିକ୍ରି ଦାବିରେ ସୋମବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀମାନେ ଧାରଣା ଦେଇଥିବାବେଳେ ଅତାବିରା ବ୍ଲକ ପାହାଡ଼ଶ୍ରୀଗିଡ଼ାରେ ଚାଷୀମାନେ ତାଲା ମାରି ଧାନ ଉଠାଣରେ ମନ୍ଥରତାର ପ୍ରତିବାଦ କରିବା ପରିଲକ୍ଷିତ ହୋଇଥିଲା। କିନ୍ତୁ ଏବେ ଧାନଦରକୁ ନେଇ ଚାଷୀ ଅସନ୍ତୋଷ ଦ୍ୱିଗୁଣିତ ହେବାରେ ଲାଗିଛି। ରାଜ୍ୟରେ ଶାସନକୁ ଆସିବା ପୂର୍ବରୁ ଭାଜପା ନିର୍ବାଚନୀ ପ୍ରଚାର ସମୟରେ ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ୍ ଆସିଷ୍ଟାଣ୍ଟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ଶାସନକୁ ଆସୁ ଆସୁ ରାଜ୍ୟର ଭାଜପା ସରକାର ତାହା ପ୍ରଦାନ ମଧ କରିଥିଲେ। ଏହାକୁ ନେଇ ଚାଷୀମାନେ ବେଶ୍ ଖୁସି ଥିବା ପରିଲକ୍ଷିତ ହୋଇଥିଲା।

କିନ୍ତୁ ଏବେ କେନ୍ଦ୍ର ସରକାର ଯେତେବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)କୁ କୁଇଣ୍ଟାଲ ପ୍ରତି ୨୩୦୦ରୁ ୨୩୬୯ ଟଙ୍କାକୁ ବୃଦ୍ଧି କରିଛନ୍ତି, ସେତେବେଳେ ରାଜ୍ୟ ସରକାର ଧାନର ଇନପୁଟ୍ ଆସିଷ୍ଟାଣ୍ଟ ହ୍ରାସ କରିବା ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ଏମ୍ଏସ୍‌ପି ୨୩୦୦ ଟଙ୍କା ଏବଂ ଇନପୁଟ୍ ଆସିଷ୍ଟାଣ୍ଟ ୮୦୦ ଟଙ୍କା ଭାବେ ଚାଷୀମାନେ ଧାନ କୁଇଣ୍ଟାଲ ପ୍ରତି ମୋଟ୍ ୩୧୦୦ ଟଙ୍କା ପାଉଥିଲେ। ତେବେ ଏଥର କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୬୯ ଟଙ୍କା ବୃଦ୍ଧି କରିଥିବାରୁ ଚାଷୀମାନେ ଧାନ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କା ପାଇବେ ବୋଲି ଆଶା କରିଥିଲେ। ମାତ୍ର ରାଜ୍ୟ ସରକାର ଇନପୁଟ୍ ଆସିଷ୍ଟାଣ୍ଟକୁ ୬୯ଟଙ୍କା ହ୍ରାସ କରି ଦେଇଥିବାରୁ ଚାଷୀଙ୍କ ଇନପୁଟ୍ ଆସିଷ୍ଟାଣ୍ଟ ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କାରୁ ୭୩୧ ଟଙ୍କାକୁ ଖସି ଯାଇଛି ଏବଂ ଚାଷୀମାନଙ୍କୁ ନିରାଶ କରିଛି। ବରଗଡ଼ ଗୋବିନ୍ଦପାଲିର ଜଣେ ଚାଷୀ ସୁବଳ ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର ଧାନର ଏମ୍ଏସ୍‌ପି ୬୯ଟଙ୍କା ବୃଦ୍ଧି କରିଥିବାରୁ ସେ ଏଥର ଧାନ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କା ପାଇବେ ବୋଲି ଆଶା ରଖିଥିଲେ। ମାତ୍ର ତାହା ହେଲାନି ଏବଂ ଧାନ କୁଇଣ୍ଟାଲ ପ୍ରତି(ଇନପୁଟ୍ ଆସିଷ୍ଟାଣ୍ଟ ସହିତ) ପୂର୍ବବତ୍ ୩୧୦୦ ଟଙ୍କା ସେ ପାଇଥିବା କହିଛନ୍ତି। ତେବେ ଆଗରୁ ତାଙ୍କୁ ଧାନ କୁଇଣ୍ଟାଲ ବାବଦକୁ ୮୦୦ ଟଙ୍କା ଇନପୁଟ୍ ଆସିଷ୍ଟାଣ୍ଟ ମିଳୁଥିଲା, ମାତ୍ର ଏଥର ଧାନ କୁଇଣ୍ଟାଲ ପ୍ରତି ୭୩୧ ଟଙ୍କା ଏବଂ ଏମ୍ଏସପି ବାବଦକୁ ୨୩୬୯ ଟଙ୍କା ସେ ପାଇଥିବା ସୁବଳ କହିଛନ୍ତି। ସେହିପରି ଚାଷୀନେତା ଏକାଦଶିଆ ସାହୁ କହିଛନ୍ତି, ନିର୍ବାଚନ ପୂର୍ବରୁ ଭାଜପା ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଦେବ ବୋଲି କହିଥିଲା। ଚାଷୀମାନେ ବିଶ୍ୱାସ କରି ଏକପାଖିଆ ମତଦାନ କରି ଭାଜପାକୁ ଶାସନକୁ ଆଣିଲେ। ଏବେ ଚାଷୀଙ୍କୁ ଧୋକା ମିଳିଛି ବୋଲି ସାହୁ କହନ୍ତି।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସମ୍ପର୍କିତ ସମୀକ୍ଷା ବୈଠକ


ବୈଠକରେ ଶୈକ୍ଷିକ ବିଷୟରେ ଆଲୋଚନା ଚାଲିଛି।

**ସୋହେଲା,୧୬ା୧୨(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ସୋହେଲା ବିଇଓ ଅମୃତା ସାହୁଙ୍କ ସଭାପତିତ୍ୱରେ ମାସିକ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ବ୍ଲକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ସୋହେଲା ବ୍ଲକର ଶୈକ୍ଷିକ ସ୍ଥିତି ଅନୁଶୀଳନ କରି ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ସିଆର୍‌ସିସିମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ ବିଇଓ ଡ.ସୁରେନ୍ଦ୍ର କୁମାର ସାହୁ, ଡାଏଟ ବରଗଡ଼ର ଶିକ୍ଷକ ପ୍ରଶିକ୍ଷିକା ରୀମାରାଣୀ ଭୋଇ ଯୋଗଦେଇ ବିଭିନ୍ନ ଶୈକ୍ଷିକ ବିଷୟରେ ଆଲୋକପାତ କରିଥିଲେ। ଏବିଇଓ ମନୋହର ଉଟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏବିଇଓ ମୋତିଲାଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବ୍ଲକର ସମସ୍ତ ସିଆର୍‌ସିସି, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ, ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ହ୍ୟାଣ୍ଡବଲ ଖେଳାଳି ଚୟନ


ଖେଳାଳି ଚୟନ ଶିବିରରେ ମଞ୍ଚାସୀନ ଅତିଥି।

**ବରପାଲି,୧୬ା୧୨(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ କଦଳିପାଲି ଆନନ୍ଦ ଖେଳପଡ଼ିଆଠାରେ ୩୮ ତମ ରାଜ୍ୟସ୍ତରୀୟ ପୁରୁଷ ମହିଳା ଚାମ୍ପିୟନଶିପ ପାଇଁ ମଙ୍ଗଳବାର ଜିଲାସ୍ତରୀୟ ହ୍ୟାଣ୍ଡ ବଲ ଖେଳାଳି ଚୟନ ପ୍ରଭାକର ସିକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଫାର୍ମାସ୍ୟୁଟିକାଲ କଲେଜର ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତା, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ଚିତ୍ତରଞ୍ଜନ ସାହୁ, ଯଦୁମଣି ତ୍ରିପାଠୀ, ଲେଣ୍ଡା ସରପଞ୍ଚ ସୁଜାତା ସାହୁ, ଡାଇରେକ୍ଟର ବେହେରା, ଜିତେନ୍ଦ୍ର ବିଦ୍ୟାଧର ଯୋଗଦାନ କରି ଆଜିର ଏ ସମାଜରେ ସୁସ୍ଥ ରହିବାକୁ ହେଲେ ବ୍ୟାୟାମ ଦରକାର ବୋଲି କହିଥିଲେ। ଜିଲାସ୍ତରରୁ ଛାତ୍ରମାନଙ୍କ ଭିତରୁ ୧୬ ଓ ଛାତ୍ରୀମାନଙ୍କ ଭିତରୁ ୧୬ ଜଣ ବିବେଚିତ ହୋଇଛନ୍ତି। ଆସନ୍ତା ୨୬ ତାରିଖ ଅନୁଗୋଳଠାରେ ରାଜ୍ୟସ୍ତରୀୟ ଖେଳିବେ। ଏହି କାର୍ଯ୍ୟକ୍ରମକୁ କୁଷ କୁମ୍ଭାର, ବୀଣାପାଣି ଶିକା, ସୌରବ ପଧାନ, ସୁନାଧର ଖଟୁଆ, ମଣିଷ ସରାଫ, ସରୋଜ ସାହୁ ପ୍ରମୁଖ ସଞ୍ଚାଳନ କରିଥିଲେ।

# ପଦ୍ମପୁର ପଞ୍ଚମ ଲୋକ ମହୋତ୍ସବରେ ଖବରଦାତା ସମ୍ମାନିତ

**ପଦ୍ମପୁର,୧୬ା୧୨(ପ୍ରଦୀପ୍ତ ଦାଶ):** ପଦ୍ମପୁର ପଞ୍ଚମ ଲୋକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଯୋଗ ଦେଇଥିବା ଓଡ଼ିଶାର ଯୁବ ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ ଉପସ୍ଥିତ ଥିବା ଖବରଦାତାମାନଙ୍କୁ ଶେଷ ରଜନୀରେ ସମ୍ମାନିତ କରିଥିଲେ। ଏହି ସମୟରେ ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ଼ ଶତପଥୀଙ୍କ ସହ ଅନ୍ୟ ଖବରଦାତାମାନେ ମନ୍ତ୍ରୀ ସୂରଜଙ୍କୁ ଓଡ଼ିଶାର ସମସ୍ତ ଖବରଦାତାମାନଙ୍କୁ ସରକାର ବିଚାର କରି ଉପଯୁକ୍ତ ପେନ୍‌ସନ ଓ ଭତ୍ତା ଦେବା ପାଇଁ ଅନୁରୋଧ କରିଥିଲେ। ମନ୍ତ୍ରୀ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବି ବୋଲି ଆଶ୍ୱାସନା ଦେଇଥିଲେ। ଏହି ସମୟରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଓ ଅନ୍ୟ ଅତିଥିମାନେ ମଧ ଉପସ୍ଥିତ ଥିଲେ।

# ପତ୍ରିକା ପଠନରୁ ବୌଦ୍ଧିକ ଜ୍ଞାନର ବିକାଶ ହୁଏ


ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରବୃନ୍ଦ।

**ବରଗଡ଼,୧୬ା୧୨(ପ୍ରେମାନନ୍ଦ ଖମାରୀ)**

ଶିଶୁ ସାହିତ୍ୟ ପତ୍ରିକା ପଠନ ଶିଶୁମାନଙ୍କର ମୌଳିକ ଓ ବୌଦ୍ଧିକ ଜ୍ଞାନର ବିକାଶ ଘଟାଏ। ଓଡ଼ିଆ ଶିଶୁ ସାହିତ୍ୟ ଓ ସାହିତ୍ୟିକଙ୍କ ସୃଷ୍ଟି ସମ୍ପର୍କରେ ଶିଶୁମାନେ ଅବଗତ ହୁଅନ୍ତି ଓ ଶିଶୁ ସାହିତ୍ୟ ପଠନ ଦ୍ୱାରା ଶିଶୁମାନେ ସଂସ୍କାରିତ ହୁଅନ୍ତି ବୋଲି ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ପତ୍ରିକା ପଠନ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ରବିବାର ସ୍ଥାନୀୟ ବିରମାଲ ଚାରିଛକସ୍ଥିତ ଏକ ସ୍କୁଲ ପରିସରରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପ୍ରାୟୋଜିତ ଏକ ପତ୍ରିକା ପଠନ କର୍ମଶାଳାରେ ଟିକେଲାଲ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ପାଇଁ ଶିଶୁ ସାହିତ୍ୟ ପତ୍ରିକା ପଠନର ଉପାଦେୟତା ସମ୍ପର୍କରେ ଆଲୋଚନା କରି ସେ କହିଥିଲେ, ପତ୍ରପତ୍ରିକା ପଠନ ସେମାନଙ୍କ ମୌଳିକ ଓ ବୌଦ୍ଧିକ ଜ୍ଞାନର ବିକାଶ ଘଟାଇବା ସହିତ ଚରିତ୍ର ଗଠନରେ ସହାୟକ ହୋଇଥାଏ। ତେଣୁ ଆମ ଭାଷାରେ ପ୍ରକାଶିତ ସମୃଦ୍ଧ ଶିଶୁ ସାହିତ୍ୟ ପତ୍ରିକା ପାଠ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦେବେନ୍ଦ୍ର ସାହୁ, ଡୋଳାମଣୀ ବିଶ୍ୱାଳ, ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ଡିଲେଶ୍ୱରୀ ଭୁଏ, ବିଷୟା ବେହେରା, ରସ୍ମିତା ବଗର୍ତ୍ତି, ରିଙ୍କୁ ଝା, ରଶ୍ମିତା ମାଝି, ଜିତେଶ୍ୱରୀ ବନଛୋର, ଦୀପ୍ତିମୟୀ ଦେବତା, ପ୍ରତିଭା ସାହୁ, ଜ୍ୟୋତି ତାଣ୍ଡି ପ୍ରମୁଖ ପ୍ରତି ମାସରେ ଗୋଟିଏ ଶିଶୁ ପତ୍ରିକା କିଣି ପାଠ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିଶୁ ସାହିତ୍ୟ ପତ୍ରିକା ମଧ୍ୟରେ କୁନି କଥା, ସଂସାର, ଟିକି ପିଲାଟି, ଝୁମୁକା, ନନ୍ଦନକାନନ, ଆମ ପରଶମଣି, କଳାମାଣିକ, ଶିଶୁ ପ୍ରତିଭା, ସୁବର୍ଣ୍ଣଦୀପ ପ୍ରଭୃତି ଶିଶୁ ପତ୍ରିକା ପ୍ରଦର୍ଶିତ ହୋଇଥିଲା। ପତ୍ରିକା ପାଠ କରି ବକ୍ତବ୍ୟ ରଖି ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ପରିସ୍ମିତା ସାହୁ, ଦିବ୍ୟାଂଶୀ ମହାନନ୍ଦ ଓ ଶିବାଂଶ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଶିଶୁଶ୍ରୀର ଆବାହକ ଡଃ ରବିନାରାୟଣ ସାହୁ ପରିଚାଳନା କରିଥିଲେ।

# ଆଜି ସକାଳ ୮ରୁ ବିଦ୍ୟୁତ୍ ଯୋଗାଣ ବନ୍ଦ

## ଗ୍ରୀଡ୍ ସବ୍-ଷ୍ଟେଶନ ରକ୍ଷଣାବେକ୍ଷଣ କଟକଣା

**ବରଗଡ଼,୧୬ା୧୨(ପ୍ରେମାନନ୍ଦ ଖମାରୀ):** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ଭଟଲି ଏବଂ ଘେଁସ ଗ୍ରୀଡ଼ ସବଷ୍ଟେଶନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି କଟକଣା କରାଯାଇଛି। ବରଗଡ଼ ଜିଲା ଅନ୍ତର୍ଗତ ଅମ୍ବାଭୋନା, ବଡମାଲ, ଭୁକ୍ତା, ଡୁଙ୍ଗୁରୀ, କପାସିରା, ଲଖନପୁର, ରୁଚିଦା, ସମ୍ବାବରୀ, ବରମୁଣ୍ଡା, ବେଲମୁଣ୍ଡା, ବିଜେପୁର, ଧୁମାପାଲି, ଘେଁସ, ଜାମୁଟପାଲୀ, ଜାରିଙ୍ଗ, ଯୋଖିପାଲୀ, ଖରମୁଣ୍ଡା, କୁଚିପାଲି, କୁଣ୍ଡାଖାଇ, ଲାଉମୁଣ୍ଡା, ଲେଖାପଦର, ମେଲଛାମୁଣ୍ଡା, ସାଇପାଲି, ସରଗିବାହଲ ଆଦି ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଆସନ୍ତା ୧୭ ତାରିଖ (ବୁଧବାର) ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ କର୍ତ୍ତୃପକ୍ଷ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ରାସ୍ତା ମରାମତି ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ

**ପଦ୍ମପୁର,୧୬ା୧୨(ପ୍ରଦୀପ୍ତ ଦାସ):** ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ବୁଢ଼ାମାଳରୁ ବେହେରାଟାଲ ରାସ୍ତା ମରାମତି ପାଇଁ ବୁଢ଼ାମାଳ ସରପଞ୍ଚ ଟିକେଶ୍ୱରୀ ସେଠ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ଏହି ରାସ୍ତାରେ ପ୍ରତ୍ୟହ ତିନୋଟି ଗ୍ରାମପଞ୍ଚାୟତର ଲୋକ ନିର୍ଭର କରୁଥିବା ବେଳେ ମରାମତି ପାଇଁ ବାରମ୍ବାର ଦାବି ହେଉଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ସ୍କୁଲ କଲେଜ ଯାଉଥିବା ଛାତ୍ରୀଛାତ୍ର ଓ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ମରାମତି କରାଯାଉ ବୋଲି ସରପଞ୍ଚ ପଦ୍ମପୁର ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ଖାଡ଼େଶ୍ୱର ବାବାଙ୍କ ପୀଠରେ ମହାଜଳାଭିଷେକ

**ବରଗଡ଼,୧୬ା୧୨(ପ୍ରେମାନନ୍ଦ ଖମାରୀ)**

## ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ବିଧାୟକଙ୍କ ଆଲୋଚନା


ଜଳାଭିଷେକ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ।

ପୌଷ କୃଷ୍ଣ ଦଶମୀ ତିଥି ଅବସରରେ ବରଗଡ଼ ରେଙ୍ଗାଲପାଲିସ୍ଥିତ ଶ୍ରୀ ଶ୍ରୀ ଖାଡ଼େଶ୍ୱର ବାବାଙ୍କ ପୀଠରେ ରବିବାର ମହାଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ଖାଡ଼େଶ୍ୱର ବାବାଙ୍କ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୂଜକ ଦୟାସାଗର ମହାପାତ୍ରଙ୍କ ସମେତ ପଣ୍ଡିତ ସିଦ୍ଧି ସାବତ, ଟଙ୍କଧର ସାବତ, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ମହାଜଳାଭିଷେକ ଆରମ୍ଭ ହେବା ସହ ଆଳତି, ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଜଳାଭିଷେକରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ସାଧୁ ନେପାକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ବରଗଡ଼ ବିଧାୟକ ଷଡ଼ଙ୍ଗୀ ଖାଡ଼େଶ୍ୱର ବାବାଙ୍କ ପୀଠର ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ପରିଚାଳନା କମିଟିର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ମନ୍ଦିର ପରିଚାଳନା କମିଟି ତରଫରୁ ଜଳାଭିଷେକରେ ସାମିଲ ଶ୍ରଦ୍ଧାଳୁ ଭକ୍ତଙ୍କ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଖାଡ଼େଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ସୁକାନ୍ତ କୁମାର ଭୋଇ, ସମ୍ପାଦକ ପରେଶ ବିଶି, କୋଷାଧ୍ୟକ୍ଷ ବୀରେନ୍ଦ୍ର ନାଥ କୁମ୍ଭାର, ତୋଷବନ୍ତ ଦାଶ, କ୍ଷୀରୋଦ୍ର ସାହୁ, ସୁନିତ ଭୋଇ, ସଦାଶିବ ସାହୁ, ଅମ୍ଳାନ ଭୋଇ, ରୋହିତ ଭୋଇ, ସୁରେଶ ବାଗ, ଅଶୋକ ଭୋଇ, ବ୍ରଜକୃଷ୍ଣ ମିଶ୍ର, ତୋଷବନ୍ତ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

**ବୌଦ୍ଧ,୧୬ା୧୨(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପିଏମଶ୍ରୀ ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ସରସରାଠାରେ ଚାଲିଥିବା ଜିଲାସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜିଲାଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପି ପ୍ରତିନିଧି ଯୁଗଳ କିଶୋର ସାମଲ ଓ ସମ୍ମାନିତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଚୁଡ଼ାମଣୀ ବାରିକ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଜିଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ପତି ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ୭ଟି ବିଷୟ ଓ ବିଜ୍ଞାନ ମେଳା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାରୀ କରିଥିବା ଛାତ୍ରୀଛାତ୍ରମାନଙ୍କ ମାର୍ଗ ଦର୍ଶକ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଜିଲାସ୍ତରରେ କୃତି ପ୍ରତିଯୋଗିମାନେ ଆସନ୍ତା ୨୬, ୨୭ ଓ ୨୮ରେ କେନ୍ଦୁଝରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

# ଶ୍ରୀ ଶ୍ରୀ ମା ସାରଦା ଦେବୀଙ୍କ ଜୟନ୍ତୀ ସମାରୋହ



**ବରଗଡ଼,୧୬ା୧୨(ପ୍ରେମାନନ୍ଦ ଖମାରୀ):** ଯୋଗ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ କଦଳୀପାଲିର ଶାଖା ସାରଦା ପୀଠ ସର୍ଗିପାଲି ଗ୍ରାମରେ ଶ୍ରୀ ଶ୍ରୀ ମା ସାରଦା ଦେବୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଗୁରୁଜୀ ପ୍ରଭୁ ଶରଣାଗତ ଆନନ୍ଦ ଓ ଗରୁମାଙ୍କ ପଦଧୌତ କରିବା ସହ ମାଆ ସାରଦା, ପ୍ରଭୁ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁଜୀ ଯୋଗ ସାଧନାର ଆଧ୍ୟାତ୍ମିକ ବିଜ୍ଞାନ ସମ୍ମତ ସାଧନା ପ୍ରଣାଳୀ ବିଷୟରେ ଶିଷ୍ୟାଶିଷ୍ୟମାନଙ୍କୁ ବୁଝାଇଥିଲେ। ଆଚାର୍ଯ୍ୟ ଶେଷଦେବ ଯୋଗ ବିଜ୍ଞାନରେ ଈଶ୍ୱର ପ୍ରଣିଧାନ କେତେ ମହତ୍ତ୍ୱ ରଖେ ସେ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ସାଧକ ମହେନ୍ଦ୍ର ମାଆ ସାରଦାଙ୍କ ଜୀବନୀ ଏବଂ ତାଙ୍କର ତ୍ୟାଗ, ନିଷ୍ଠା ଓ ନାରୀ ସମାଜ ପ୍ରତି ଉତ୍ସର୍ଗୀକୃତ ଜୀବନ ବିଷୟରେ ଆଲୋକପାତ କରିଥିଲେ। ସାଧକ ବଳବନ୍ତ ସମାଧିର ସଂଜ୍ଞା ପ୍ରଦାନ କରିଥିଲେ। ସାଧକ ରାଜେଶ ମଣିଷ ଜୀବନରେ ଶିକ୍ଷା ଓ ସାଧନାର ଆବଶ୍ୟକତାକୁ ଠିକ ଭାବରେ ଉପସ୍ଥାପନ କରିଥିଲେ। ସାଧକ ଅମୃତଲାଲ ଧନ୍ୟବାଦ ଦେଇଥିଲେ ଓ ପ୍ରକାଶ ଉତ୍ସବର ସଂଯୋଜକ କାର୍ଯ୍ୟ ତୁଲାଇଥିଲେ। ସାଧିକା ବାସନ୍ତୀ, ମମତା, କୈଳାସ

# ବାଘଛାଲ ଜବତ, ୩ ଗିରଫ

**ହରଭଙ୍ଗା, ୧୬ା୧୨ (ନରେନ୍ଦ୍ର କୁମାର ସାହୁ)**


ଜବତ ବାଘ ଛାଲ।

ବୌଦ୍ଧ ଜିଲା ମାଧପୁର ରେଞ୍ଜର ବନ୍ୟପ୍ରାଣୀ ସୁରକ୍ଷିତ ନ ଥିବା ମନେ ହେଉଛି। କିଛି ଦିନ ପୂର୍ବରୁ ମାଧପୁର ରେଞ୍ଜରେ ବ୍ୟାପକ ବାରହା ଶିକାର ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ପୁଣି ଏକ କଲରାପତରିଆ ବାଘ ଚମଡା ଜବତ କରିଛି ବନ ବିଭାଗ। ମିଳିଥିବା ସୂଚନା ମୁତାବକ କଟକ ଭିଜିଲାନସ ଟିମ୍, ବନ ବିଭାଗର ମିଳିତ ଉଦ୍ୟମରେ ଚଢାଉ କରାଯାଇଥିଲା। ସୋମବାର ରାତିରେ ବନ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରତାରେ ଥିବା ମାଧପୁର କଲୋନି ସାହିରେ ଚଢାଉ କରାଯାଇଥିଲା। ବଦଲା ଗ୍ରାମର ଜୟ ନାୟକ ( ୫୧) ଏକ ଜରି ବସ୍ତାରେ ବାଘ ଚମଡା ଧରି ଅନ୍ୟ ସହଯୋଗୀମାନଙ୍କ ସହିତ ମିଶି ବିକ୍ରି କରିବାକୁ ରହିଥିଲେ। ବନ ବିଭାଗ ଜୟ ନାୟକଙ୍କୁ ବାଘ ଚମଡା ସହ ଧରିଥିବାବେଳେ ଅନ୍ୟ ସହଯୋଗୀ ବାରିଙ୍ଗ ଗ୍ରାମର ପ୍ରେମ କୁମାର ଦୀପ(୩୫) ଓ ମାଧପୁର କଲୋନୀ ସାହିର ବିଶିକେସନ କହଁର (୫୦)ଙ୍କୁ ଗିରଫ କରିଥିଲା। ବନ କର୍ମଚାରୀମାନେ ଅଭିଯୁକ୍ତମାନଙ୍କ ଠାରୁ ବାଘ ଗମଡା ସହ ଟାଙ୍ଗିଆ, ଛୁରି ଜବତ କରିଥିଲେ। ଏନେଇ ବନ ବିଭାଗର ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ବନ ବିଭାଗର ଭିଜିଲାନସ ଟିମ ସହ ରେଞ୍ଜର ଆଶିକ ଦିଶାଲ, ଫରେଷ୍ଟର ଭକ୍ତ ବତ୍ସଳ ମଲିକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଏଠାରେ ପ୍ରଶ୍ନ ଉଠେ ବନ ବିଭାଗ ଠାରୁ ମାତ୍ର ୫୦୦ ମିଟର ଦୂରତାରେ ବାଘ ଚମଡା ବିକ୍ରି ପାଇଁ ଡିଲ ହେଉଥିବା ବେଳେ ମାଧପୁର ବନ କର୍ମଚାରୀ କିପରି ଜାଣି ପାରୁନାହାନ୍ତି ସେ ନେଇ ସାଧାରଣରେ ପ୍ରଶ୍ନ ଦେଖାଦେଇଛି।

# ଧନୁଯାତ୍ରା ନାଟ୍ୟୋତ୍ସବ: ଶୋଭାଯାତ୍ରା ସହ କୃଷ୍ଣ ବଳରାମଙ୍କ ନଗର ପରିକ୍ରମା

**ବୌଦ୍ଧ, ୧୬ା୧୨(ଅଜିତ କୁମାର ବାରିକ)**



ବୌଦ୍ଧ ସହରର ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଦୀର୍ଘ ୭ ଦିନ ଚାଲିଥିବା ଧନୁଯାତ୍ରା ନାଟ୍ୟୋତ୍ସବରେ ମଙ୍ଗଳବାର କଂସ ବଧ ନାଟକ ମଞ୍ଚସ୍ଥ ହୋଇଛି। ଏହି ନାଟକରେ ଅକ୍ରୁର କୃଷ୍ଣ ବଳରାମ ଦୁଇ ଭାଇଙ୍କୁ ରଥରେ ବସାଇ ସହରର ରାଜରାସ୍ତାରେ ଶୋଭାଯାତ୍ରା କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରଭୁ କୃଷ୍ଣ ବଳରାମଙ୍କ ଶୋଭାଯାତ୍ରା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଭକ୍ତମାନେ ଦର୍ଶନ କରିବା ସହ ଆତସବାଜୀ ଓ ବାଜାରେ ପୁରା ସହରର କମ୍ପି ଉଠିଥିଲା। ଗୋଟିଏ ପଟେ ପ୍ରଭୁ କୃଷ୍ଣ ବଳରାମଙ୍କ ଶୋଭାଯାତ୍ରା ଚାଲିଥିବାବେଳେ ଅନ୍ୟ ପଟେ ପ୍ରତାପୀ କଂସ ମହାରାଜ ନିଜର ସୈନ୍ୟସାମନ୍ତଙ୍କ ସହିତ ଏକ ବିରାଟ ପଟୁଆରରେ ସୁସଜ୍ଜିତ ରଥରେ ନଗର ପରିଭ୍ରମଣ କରିଥିଲେ। ଉଭୟଙ୍କ ରଥ ଯାତ୍ରା ପଡିଆକୁ ଆସିବା ପରେ ନାଟକ ଆରମ୍ଭ ହୋଇଥିଲା। ନାଟକରେ ସୁଦାମା ମାଳିର ଫୁଲ ବେଶ, ମଲ୍ଲ ଯୁଦ୍ଧ, କୁବୁଜା ଉଦ୍ଧାର, ରଜକ ଦର୍ପଦଳନ ଆଦି ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। ଏହି ନାଟ୍ୟୋତ୍ସବରେ ବୌଦ୍ଧ ଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପରିବେଷିତ ହୋଇଆସୁଥିଲା। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ନାଟକଗୁଡ଼ିକୁ ନିର୍ଦ୍ଦେଶକ ଦେବାଙ୍ଗନ ମେହେର ସଫଳତାର ସହିତ ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନର କଳାକାରମାନେ ନିଖୁଣ ଭାବରେ ପୌରାଣିକ ଚରିତ୍ରଗୁଡିକ ଅଭିନୟ କରି ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। କଂସବଧ ନାଟକ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ସମାଗମ ହୋଇଥିଲା।

# ଏନ୍ଆଇଟି ଛାତ୍ର ଦଳ ଏସ୍ଆଇଏଚ୍‌ରେ ବିଜେତା

## ସାବରମତୀ ନଦୀ ସଫେଇ ପାଇଁ ରୋବଟ ପ୍ରଦର୍ଶିତ



ରାଉରକେଲା ଏନ୍ଆଇଟିର ଛାତ୍ରୀଛାତ୍ର ।

ରାଉରକେଲା,୧୬।୧୨(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ସ୍ୱଦେଶ 'ସ୍ମାର୍ଟ ଇଣ୍ଡିଆ ହାକାଥନ୍ (ଏସ୍ଆଇଏଚ) ୨୦୨୫ରେ ବିଜେତା ସ୍ଥାନ ହାସଲ କରିଛି। ଡିସେମ୍ବର ୮ ରୁ ୧୨ ପର୍ଯ୍ୟନ୍ତ ଗୁଜରାଟର ପାରୁଲ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଫାଇନାଲ ରାଉଣ୍ଡରେ 'ସ୍ମାର୍ଟ ସାବରମତୀ ନଦୀକୂଳ ଏବଂ ସହରାଞ୍ଚଳ ଜଳ ସ୍ରୋତ' ଶୀର୍ଷକ ସମସ୍ୟା ବିବୃତ୍ତି ଆଇଡି ୨୫୧୬୬ ପାଇଁ ଦଳକୁ ବିଜେତା ଘୋଷିତ କରାଯାଇଥିଲା। 'ହ୍ୟାକ୍ ଫର୍ ଭାରତ, ବିଲ୍ଡ ଫର୍ ଦି ୱାର୍ଲ୍ଡ' ଜାତୀୟ ମିଶନର ଅଂଶ ଭାବରେ ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦର ସହଯୋଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍ ଦ୍ୱାରା ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୫ ଆୟୋଜନ କରାଯାଇଥିଲା। ବିଜେତା ଦଳରେ ସମସ୍ତ ତୃତୀୟ ବର୍ଷର ଛାତ୍ର ଥିଲେ। ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ନୀଲେଶ କୁମାର ଏବଂ ଦେବ ସୋନି, ପଦାର୍ଥ ବିଜ୍ଞାନ (ସମଗ୍ର) ବିଭାଗର ରିତିକ ପାଣ୍ଡେ ଏବଂ ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ଅମୋଲ ମୁନୋଟ୍, ସୁଚିସ୍ମିତା ବେହେରା ଏବଂ ଉଜ୍ଜ୍ୱଳ କୁମାର ପ୍ରମୁଖ ବିଜେତା ଦଳ ସଦସ୍ୟ ଅଟନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉପସ୍ଥାପନା ଏକ ଅଭିନବ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ପଦ୍ଧତି ମାଧ୍ୟମରେ ସହରାଞ୍ଚଳ ଜଳ ପରିଚାଳନା ଏବଂ ଜନସାଧାରଣ ସୁରକ୍ଷା ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିଥିଲା। ଟିମ୍ ସ୍ୱଦେଶ ଏକ ସ୍ୱୟଂଚାଳିତ ନଦୀ ପୃଷ୍ଠ ସଫା ରୋବୋଟ୍ ଡିଜାଇନ୍ ଏବଂ ସଫଳତାର ସହିତ ପ୍ରଦର୍ଶନ କରିଥିଲା। ଯାହା ନଦୀ ପୃଷ୍ଠରୁ ଭାସମାନ ବର୍ଜ୍ୟବସ୍ତୁ ଅପସାରଣ କରିପାରିବ। ବର୍ଜ୍ୟବସ୍ତୁ ପରିଚାଳନା ବ୍ୟତୀତ, ଏହି ସିଷ୍ଟମ ବୁଡ଼ିବା ଘଟଣା ଚିହ୍ନଟ କରିବା, ସାବରମତୀ ମିତ୍ର ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ନିକଟସ୍ଥ ନାଗରିକଙ୍କୁ ସତର୍କ ସୂଚନା ପଠାଇବା ଏବଂ ଆପ୍ ମାଧ୍ୟମରେ ଜନସାଧାରଣଙ୍କୁ ବାସ୍ତବ-ସମୟ ଜଳ ଗୁଣବତ୍ତା ସୂଚନା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏହି ସମାଧାନ ପରିବେଶଗତ ସ୍ଥିରତାକୁ ସମର୍ଥନ କରିବା ଏବଂ ଜନସାଧାରଣ ସୁରକ୍ଷା ବୃଦ୍ଧି କରିବା ପାଇଁ ବୁଦ୍ଧିମାନ ସିଷ୍ଟମର ପ୍ରଭାବଶାଳୀ ବ୍ୟବହାରକୁ ପ୍ରଦର୍ଶନ କରୁଛି। ଏହି ସମସ୍ୟା ବିବୃତ୍ତି ପାଇଁ, ଦେଶ ସାରା ପ୍ରାୟ ୧୨୦ ଦଳ( ପ୍ରତ୍ୟେକ ଦଳରେ ଛଅ ଜଣ ସଦସ୍ୟ ଥିଲେ) ଅଂଶଗ୍ରହଣ କରିଥିଲେ। ସେମାନଙ୍କର ପ୍ରସ୍ତାବ ଦାଖଲ କରିଥିଲେ। ଏକ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ପରେ, ଜାତୀୟ ସ୍ତରରେ କେବଳ ପାଞ୍ଚଟି ଦଳକୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା, ଏନଆଇଟି ରାଉରକେଲାର ଟିମ୍ ସ୍ୱଦେଶ ଫାଇନାଲିଷ୍ଟଙ୍କ ମଧ୍ୟରେ ଥିଲା। ଚୂଡ଼ାନ୍ତ ପର୍ଯ୍ୟାୟ ସମୟରେ ସଂକ୍ଷିପ୍ତ ତାଲିକାଭୁକ୍ତ ଦଳଗୁଡ଼ିକ ଏକ ପାଞ୍ଚ ଦିନିଆ ମିଳିତ ହାକାଥନରେ ଅଂଶଗ୍ରହଣ କରିଥିଲେ। ଯେଉଁଠାରେ ସେମାନଙ୍କୁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରୋଟୋଟାଇପ୍ ବିକଶିତ ଏବଂ ପ୍ରଦର୍ଶନ କରିବାକୁ ପଡ଼ିଥିଲା। ଏହି ସମୟ ମଧ୍ୟରେ ଟିମ୍ ସ୍ୱଦେଶ ସଫଳତାର ସହିତ ସେମାନଙ୍କର ପ୍ରୋଟୋଟାଇପ୍ ନିର୍ମାଣ, ପରୀକ୍ଷଣ ଏବଂ ପରିଚାଳନା କରିଥିଲା ଏବଂ ପରବର୍ତ୍ତୀ ସମୟରେ ସମସ୍ୟା ବିବୃତ୍ତି ପାଇଁ ଜାତୀୟ ବିଜେତା ଘୋଷଣା କରାଯାଇଥିଲା। ବଡ଼ୋଦରା ମ୍ୟୁନିସିପାଲ୍ କର୍ପୋରେସନର କମିଶନର ଅରୁଣ ମହେଶ ବାବୁ, ସମ୍ମାନିତ ଅତିଥି ଭାବେ ଏଆଇସିଟିଇର ଇନୋଭେସନ୍ ନିର୍ଦ୍ଦେଶକ ଯୋଗେଶ ବ୍ରାହ୍ମଣକରଙ୍କ ଉପସ୍ଥିତିରେ ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେ ଉତ୍ସବରେ ଟିମ୍ ସ୍ୱଦେଶକୁ ବିଜେତା ଘୋଷିତ କରାଯାଇଥିଲା।

# ଚାକିରି କରାଇଦେବା ନାଁରେ ଠକେଇ: ଜଣେ ଗିରଫ


ଗିରଫ ଯୁବକ ଓ ଜବତ ଜାଲ୍ ନିଯୁକ୍ତିପତ୍ର।

ରାଉରକେଲା,୧୬।୧୨(ସଙ୍ଗୀତା ଜେନା)

ସରକାରୀ, ବେସରକାରୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଦିରେ ଚାକିରି କରାଇଦେବା ନାଁରେ ଯୁବତୀଯୁବକଙ୍କୁ ଠକେଇ ଅଭିଯୋଗରେ ରାଉରକେଲା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ କୋରାପୁଟ ଜିଲା ଜୟପୁର ନିବାସୀ ସନ୍ତୋଷ ସାହୁ। ପୋଲିସ ତାଙ୍କଠାରୁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାର ଜାଲ୍ ନିଯୁକ୍ତିପତ୍ର, ରିଜ୍ୟୁମ ଜବତ କରିଛି। ସେ କୋରାପୁଟ, ମାଲକାନଗିରି, ଗଞ୍ଜାମ ଆଦି ଜିଲାର ଯୁବତୀଯୁବକଙ୍କଠାରୁ ୪୫ ଲକ୍ଷରୁ ଅଧିକ ଟଙ୍କା ସଂଗ୍ରହ କରିଛନ୍ତି। ଚାକିରି ନ ପାଇବାରୁ ଟଙ୍କା ଦେଇଥିବା ଯୁବତୀଯୁବକମାନେ ଟଙ୍କା ମାଗିବାରୁ ସନ୍ତୋଷ କୋରାପୁଟରୁ ଲୁଚିକରି ରାଉରକେଲା ଚାଲିଆସିଥିଲେ। ଏଠାରେ ଛେଣ୍ଡ ଥାନା ଅଞ୍ଚଳରେ ବର୍ଷେରୁ ଅଧିକ ଦିନ ରହିଲେଣି। ରାଉରକେଲାରେ ମଧ୍ୟ କେତେଜଣ ଯୁବତୀଯୁବକଙ୍କୁ ଚାକିରି କରାଇଦେବା ପାଇଁ ରିଜ୍ୟୁମ ସଂଗ୍ରହ କରିଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ ହେବାପରେ ରାଉରକେଲା ପୋଲିସ ସନ୍ତୋଷଙ୍କୁ ମଙ୍ଗଳବାର ଗିରଫ କରିଥିଲା। ଏ ନେଇ ଛେଣ୍ଡ ଥାନାରେ ଏକ ମାମଲା (ନଂ. ୩୦୭/୨୦୨୫) ରୁଜୁହୋଇଛି। ଏ ନେଇ ପାନପୋଷ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ର ଛେଣ୍ଡ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ସନ୍ତୋଷ ଚାକିରି କରାଇଦେବା ପାଇଁ ସ୍ୱପ୍ନ ଦେଖାଇ ବିଭିନ୍ନ ସମୟରେ ଯୁବତୀଯୁବକଙ୍କଠାରୁ ପ୍ରାୟ ୪୫ ଲକ୍ଷ ୨୦ ହଜାର ଟଙ୍କା ସଂଗ୍ରହ କରିଛନ୍ତି। ଠକେଇର ଶିକାର ଯୁବତୀଯୁବକ କୋରାପୁଟରେ ବିଭିନ୍ନ ଥାନାରେ ସନ୍ତୋଷ ନାଁରେ ଅଭିଯୋଗ କରିଥିଲେ। ଫଳରେ ସନ୍ତୋଷ କୋରାପୁଟରୁ ଲୁଚିକରି ରାଉରକେଲା ଚାଲିଆସିଥିଲେ। ତେବେ ଏଥିରେ ଅନ୍ୟ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତେଣୁ ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ମହାପାତ୍ର କହିଥିଲେ।

# ଧାବକ ସୁମିତ ସିଂହଙ୍କ ନାମ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ



ସୁମିତ ସିଂହଙ୍କୁ ଶୁଭେଚ୍ଛା ଜଣାଯାଉଛି।

ରାଉରକେଲା,୧୬।୧୨(ବିପ୍ଳବରଞ୍ଜନ ଦାଶ): ଇସ୍ପାତ ନଗରୀ ରାଉରକେଲାର ସୁନାମଧନ୍ୟ ଧାବକ ସୁମିତ ସିଂହ ଗିନିଜ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ସିଂହ ଦୀର୍ଘ ୪୮ଘଣ୍ଟା ଧରି ମାନୁଆଲ ଟ୍ରେଡମିଲ ଉପରେ ନିରନ୍ତର ଦୌଡି ୨୦୧.୫ କିମି ଦୂରତା ଅତିକ୍ରମ କରି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଆର୍‌ଏସପି ଦ୍ୱାରା ସମର୍ଥିତ ସୁମିତ ଡିସେମ୍ବର ୧୩ତାରିଖ ସନ୍ଧ୍ୟାରେ ରାଉରକେଲାର ସିଭିକ ସେଣ୍ଟରରେ ଏହି ଅଦମ୍ୟ ପ୍ରୟାସ ଆରମ୍ଭ କରିଥିଲେ। ଉକ୍ତ ପ୍ରୟାସରେ ତାଙ୍କୁ ପ୍ରତି ଘଣ୍ଟାରେ ମାତ୍ର ୫ମିନିଟର ବିରତିର ଅନୁମତି ଥିଲା। ଯାହା ତାଙ୍କ ସହନଶୀଳତା ଏବଂ ସଂକଳ୍ପର ଅସୀମ ଧୈର୍ଯ୍ୟକୁ ଦର୍ଶାଇଥିଲା। ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ କହିଥିଲେ, ଆର୍‌ଏସପି ତାଙ୍କର ଏହି ପ୍ରୟାସର ଶୁଭାରମ୍ଭ କରାଇଥିଲେ ଏବଂ ତାଙ୍କର ସଫଳତା ପାଇଁ ପଲାଇ ସୁମିତଙ୍କୁ ଉତ୍ସାହ ପ୍ରଦାନ କରିଥିଲେ। ଆସନ୍ତା ୨୪ତାରିଖରେ ହେବାକୁ ଥିବା ମେଗା ହାଫ ମାରାଥନ ପାଇଁ ଆରଏସପିର ବ୍ରାଣ୍ଡ ଆମ୍ବାସାଡାର ସିଂହଙ୍କ ଏହି ରେକର୍ଡ ଦୌଡ ସୁସ୍ଥ ଜୀବନଯାପନ ଏବଂ ମାନସିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ପୂର୍ବରୁ ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଡିସେମ୍ବର ୪ରେ ଏହି ପ୍ରସିଦ୍ଧ ଧାବକଙ୍କ ସହ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ଧାବକଙ୍କ ପଦକ୍ଷେପକୁ ପ୍ରଶଂସା କରି ଡିଆଇସି ତାଙ୍କ ସଫଳତା କାମନା କରୁଛନ୍ତି। ସୁମିତ ଡିସେମ୍ବର ୧୫ ସନ୍ଧ୍ୟା ୬ଟାରେ ଦୀର୍ଘ ୪୮ଘଣ୍ଟା ଦୌଡ ସମ୍ପୂର୍ଣ୍ଣ କରିଥିଲେ। ଯାହାକୁ ଉପସ୍ଥିତ ସମସ୍ତେ ହର୍ଷୋଲ୍ଲାସ ସହ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ,ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ ଏବଂ ନବନୀତା ପାଳଚୌଧୁରୀଙ୍କ ସମେତ ଆରଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଏବଂ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ଏହି ବିଶ୍ୱ ରେକର୍ଡ ହାସଲ ପାଇଁ ଆଥଲେଟକୁ ପ୍ରଶଂସା କରିବା ସହିତ ତାଙ୍କର ଆଗାମୀ ଭବିଷ୍ୟତ ପ୍ରୟାସ ପାଇଁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ।

# କଠୋର ପରିଶ୍ରମ କଲେ ସଫଳତା ମିଳିଥାଏ


'ନରସିଂହ ଅବତାର'କୁ ନେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟନାଟିକା ପରିବେଷଣ କରାଯାଉଛି।

## ଡିଏଭି ସ୍କୁଲର ବାର୍ଷିକ ଉତ୍ସବ

ରାଉରକେଲା,୧୬।୧୨(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଏନ୍.କେ ଖୋସଲା ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ରୋନକ୍-୨୦୨୫' ନିବନ୍ଧନ ବହୁ ଧୁମ୍‌ଧାମ୍‌ରେ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ସୁନ୍ଦରଗଡ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ଜୀବନରେ ନିଜ ଦକ୍ଷତାକୁ ପରଖି ନିଷ୍ଠାସହ କଠୋର ପରିଶ୍ରମ କଲେ ସଫଳତା ସୁନିଶ୍ଚିତ ମିଳିଥାଏ ବୋଲି ଅତିଥି ମହାପାତ୍ର ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଖଲିକୋଟ୍ ମହାବିଦ୍ୟାଳୟର ଉପକୁଳ ସଚିବ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଉପସ୍ଥିତ ଥିଲେ। ଛାତ୍ର ଜୀବନରେ ଶିକ୍ଷା ଅଧ୍ୟୟନ ସହ ଚରିତ୍ର ସୁଧାର ପାଇଁ ଆଧ୍ୟାତ୍ମିକ ଚେତନା ଶକ୍ତିକୁ ଆପଣାଇବା ଜରୁରୀ ବୋଲି ମୁଖ୍ୟବକ୍ତା ପ୍ରଫେସର ମହାନ୍ତି ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏଭିର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ.ସି ପଟ୍ଟନାୟକ, ବିଶ୍ରାବ୍ଲକ ଶିକ୍ଷା ଅଧିକାରୀ ସୁପ୍ରଭାତ ବେହେରା, ବରିଷ୍ଠ ଶିକ୍ଷାବିତ ସନାତନ ପ୍ରଧାନ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ସମୀୟ ପାତ୍ର, ଇଂ. ଆର.କେ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ଲୋକନାଥ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମାଗାଜିନ୍ 'ରୋନକ୍-୨୦୨୫' କୁ ଉନ୍ମୋଚନ କରାଯାଇଥିଲା। ପରେ ବିଦ୍ୟାଳୟରେ ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ପରେ ସତ୍ୟଯୁଗର 'ନରସିଂହ ଅବତାର'କୁ ନେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟନାଟିକା ପରିବେଷଣ କରାଯାଇଥିଲା। ଏଥିସହ ପିଲାମାନଙ୍କ ଦ୍ୱାରା 'ମୁଝେ ମାଫ କରନା ଓଁ ସାଇରାମ'ର ନୃତ୍ୟ ଉପସ୍ଥିତ ଅଭିଭାବକ ଓ ଅଭିଭାବିକାଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଭାଙ୍ଗଡା, ଓଡିଶୀ, କଥକଲି ଭଳି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ବିଶ୍ୱନାଥ ଥାନପତି ଓ ଶିକ୍ଷୟିତ୍ରୀ ଆନନ୍ଦିନୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ବିଜୟ କୁମାର ମିଶ୍ର, ମନୋରଞ୍ଜନ ସ୍ୱାଇଁ, ପ୍ରବୀର କୁମାର ମିଶ୍ର, ଶର୍ମିଷ୍ଠା ଦାସ, ପୁଷ୍ପାଞ୍ଜଳି ମହାନ୍ତି, ଜ୍ୟୋତ୍ସ୍ନା ମିଶ୍ର, ନିବେଦିତା ପାଣ୍ଡିଆ, ବବିତା ଗୁପ୍ତା, ସ୍ମିତା ରାୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ନାରୀ ବିନା ଦିବ୍ୟଯୁଗର କଳ୍ପନା ଓ ସ୍ଥାପନା ଅସମ୍ଭବ

ରାଉରକେଲା,୧୬।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୫ସ୍ଥିତ ଶ୍ରୀଅରବିନ୍ଦ ଯୋଗ ମନ୍ଦିରଠାରେ ଚାଲିଥିବା ଦ୍ୱି-ଦିବସୀୟ ଜିଲାସ୍ତରୀୟ ମହିଳା ପାଠଚକ୍ର ସମ୍ମିଳନୀ ଓ ୪୩ତମ ବାର୍ଷିକ ସମ୍ମିଳନୀ 'ନବଚେତନା' ଉଦ୍‌ଯାପିତ ହୋଇଯାଇଛି। ଏହି ଜିଲାସ୍ତରୀୟ ସମ୍ମିଳନୀ ବନ୍ଦନା ଅପାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଡ.ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ସମ୍ମିଳନୀର ଆଲୋଚକ ଭାବେ ଡ. ନଳିନୀପ୍ରଭା ପଟ୍ଟନାୟକ ଯୋଗଦେଇ ନବଚେତନାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଲୋକପାତ କରିବା ସହିତ ଆଜିର ନାରୀଶକ୍ତି ଏବଂ ନବଚେତନାର ଉଦ୍ରେକ ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ। ଏହାପରେ ରଞ୍ଜିତ ଦାସ ଦୈନନ୍ଦୀନ ଜୀବନ ଯାପନ ଏବଂ ଏହା ଦ୍ୱାରା ନବଚେତନା ଉଦ୍ରେକ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପରେ ଡ.ସ୍ୱର୍ଣ୍ଣଲତା ବଳ ଚେତନାର ବିବର୍ତ୍ତନ ଓ ନାରୀ ଉପରେ ଆଲୋଚନା କରିଥିଲେ। ପ୍ରଥମ ଦିବସ ଆଲୋଚନାଚକ୍ର ଶେଷରେ ଅଞ୍ଜଳି ମହାନ୍ତି ଧନ୍ୟବାଦ ଜଣାଇଥିଲେ। ସମ୍ମିଳନୀର ଦ୍ୱିତୀୟ ଦିବସରେ ସର୍ବପ୍ରଥମେ ଦୁର୍ଗା ସ୍ତୋତ୍ର, ମାତୃବନ୍ଦନା କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମ ପ୍ରତିମା ଅପା, ଘୋଷ ଭାଇଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପରେ ନଳିନୀପ୍ରଭା ପଟ୍ଟନାୟକ ସ୍ୱାଗତ ଭାଷଣ ରଖି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଆଲୋଚକ ଭାବରେ ମନୋରମା ମହାପାତ୍ର ଯୋଗଦେଇ ନାରୀ ନବଚେତନା ଉପରେ ଆଲୋକପାତ କରିଥିଲେ। ନାରୀ ସମାଜ ଦ୍ୱାରା କିଭଳି ଦିବ୍ୟକର୍ମ ସାଧନ ହୁଏ, ସେ ବିଷୟରେ ଅଞ୍ଜଳୀ ମାଝୀ କହିଥିଲେ। ବବିତା ଦାସ ନାରୀ ସମାଜର ଅଗ୍ରଗତି ପାଇଁ ପ୍ରୟାସ ଉପରେ କହିଥିଲେ। ଇସ୍ମିତା ସାହୁ ବିଦ୍ୟାର୍ଜନ ଓ ସାଧନା ଉପରେ ନାରୀ ସମାଜର ଉତ୍ତରଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଭଗବତ କୃପାର ସୀମା କେଉଁ ପର୍ଯ୍ୟନ୍ତ ସେ ଉପରେ ମାର୍ମିକ ତଥ୍ୟ ରଖିଥିଲେ ସୁଚିତ୍ରା ପତି। ଶେଷରେ ବନ୍ଦନା ଦାସ ଯୋଗ ଓ ମାତୃଶକ୍ତି ପ୍ରତି ସମର୍ପଣ ହେଲେ ନବଚେତନାର ଉଦ୍ରେକ ନିଶ୍ଚିତ ବୋଲି କହିଥିଲେ। ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଡ.କିଶୋରୀ ଦାଶ ଓ ବେଳରାଣୀ ଶତପଥିଙ୍କ ସଂଯୋଜନାରେ ପରିଚାଳିତ ହୋଇଥିଲା। ଶେଷରେ ଦିବ୍ୟଯୁଗ ସ୍ଥାପନରେ ନାରୀର ଭୂମିକା, ଉତ୍ତର ଦାୟିତ୍ୱ ଉପରେ ଡ.ପ୍ରଶାନ୍ତ କୁମାର ପତି ଆଲୋଚନା କରିବା ସହିତ ନାରୀ ସମାଜ ବିନା ଦିବ୍ୟଯୁଗ ସ୍ଥାପନ ଅସମ୍ଭବ ବୋଲି କହିଥିଲେ। ବିଶ୍ୱନାଥ ଆଇଚ, ସୌମ୍ୟରଞ୍ଜନ ପାଣିଗ୍ରାହୀ, ଅଜୟ କୁମାର ସ୍ୱାଇଁ, ଅସିମ ସାବତ, ଅରୁପ କୁମାର ସୁବୁଦ୍ଧି, ବିଜୟ କୁମାର ଦାଶ ଓ ଶ୍ରୀମା ଶ୍ରୀଅରବିନ୍ଦ ଅନୁଗାମୀ ସମ୍ମିଳିତ ରହିଥିଲେ।


କାର୍ଯ୍ୟକ୍ରମରେ ଅତିଥି ଓ ସମ୍ମିଳିତ ବ୍ୟକ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ


ପିଲାମାନେ ଦୌଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

ରାଉରକେଲା,୧୬।୧୨(ଦିନେଶ ମିଶ୍ର): ସେକ୍ଟର-୬ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ସୋମବାର ୬୩ତମ ସ୍ଥାପନା ଦିବସ ଓ ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ଜୀବନରେ ଖେଳକୁଦ ଦ୍ୱାରା ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ଘଟିଥାଏ ବୋଲି ଅତିଥି ରାୟ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ୨୨ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଉଷା କିରଣ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଶନି କର୍ମଶାଳା ଆୟୋଜିତ

ରାଉରକେଲା,୧୬।୧୨(ବିପ୍ଳବ ରଞ୍ଜନ ଦାଶ)


ରୋଶନୀ କର୍ମଶାଳାରେ ଉପସ୍ଥିତ ଅଧିକାରୀ।

ଆର୍‌ଏସ୍‌ପିର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା ରୋଶନୀ ସିପିଟିଆଇ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ପ୍ରକଳ୍ପ ଏବଂ ଆଧୁନିକୀକରଣ ବିଭାଗର ସିଜିଏମ୍ ଡି.କେ ସାହୁ ମୁଖ୍ୟଅତିଥି ଏବଂ ଏସଏସଏମ ବିଭାଗର ଜିଏମ ଇନଚାର୍ଜ ସି.ଆର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ମାସରେ ଅବସର ଗ୍ରହଣ କରୁଥିବା ଆରଏସ୍‌ପିର ୨୪ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୁଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ଆସିଷ୍ଟାଣ୍ଟ ସିଏମଓ ଡାକ୍ତର ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନିତୀ ଉପରେ ଆଲୋଚନା କରିଥିଲେ। ସିଏଣ୍ଡ ଆଇଟି ବିଭାଗ ଡିଜିଏମ୍ ସଞ୍ଜୟ ଗୌତମ ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡି.କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ପପୁ କୁମାର ଅବସର ପରବର୍ତ୍ତୀ ସୁଚାରୁ ଆର୍ଥିକ ବନ୍ଦୋବସ୍ତ ଉପରେ ତଥ୍ୟ ରଖିଥିଲେ। ସିପି-୨ ବିଭାଗର ଏଜିଏମ ବାବୁଲା ନାହାକ ସକ୍ରିୟ ଜୀବନ ଧାରଣ ପାଇଁ ସକରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। କ୍ୱାର୍ଟର୍ସ ଖାଲି କରିବା ତଥା ବଜାୟ ରଖିବା ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ସହରସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହନ୍ତ ଆଲୋଚନା କରିଥିଲେ। ଏଚଆର ଇଏ, ଜିଆର ଓ ସି ବିଭାଗର ଏଜିଏମ ଅବିନାଶ ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଏଚଆର ଇସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସ.ପି ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡେପୁଟି ମ୍ୟାନେଜର ଏସ.କେ ନାୟକ, ଶ୍ରମ ନିରୀକ୍ଷକ କେ.କେ ପରିଡା ଏବଂ ଏଚଆର ଇଆର ଏଣ୍ଡ ସି ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଉଲ୍ଲେଖନୀୟ,ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ଅବସରକୁ ସକାରାତ୍ମକ ,ଉତ୍ସାହ ଓ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହକାରେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରୋଶନୀ କର୍ମଶାଳା ଆୟୋଜିତ ହେଉଛି।

# ସରକାରୀ ଜମି ବିକ୍ରି ଉଦ୍ୟମ: ୨ ଗିରଫ

ରାଉରକେଲା, ୧୬।୧୨(ସଙ୍ଗୀତା ଜେନା)


ଝିରପାଣି ଥାନାରେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ଇସ୍ପାତ ସହରରେ ଜବରଦଖଲ ବୃଦ୍ଧି ପାଇବା ସହ ସରକାରୀ ଜମି ଉପରେ ଜମି ବ୍ୟବସାୟୀଙ୍କ ନଜର ପଡ଼ିଛି। ସରକାରୀ ଜମିକୁ ନକଲି ଜମିପଟ୍ଟା ତିଆରି କରି ବିକ୍ରୟ ଉଦ୍ୟମ କରାଯାଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ରାଉରକେଲା ପୋଲିସ ଜିଲାର ଝିରପାଣି ଥାନା ପଛପାର୍ଶ୍ୱରେ ଥିବା ପ୍ରାୟ ୫୦ ଡେସିମିଲ ଜମିକୁ ନକଲି ଆଲଟମେଣ୍ଟ, ପଟ୍ଟା, ସିଲ୍ ଓ ସ୍ୱାକ୍ଷର କରି ବିକ୍ରୟ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ସନ୍ଧ୍ୟା ୬ଟାରେ ପୋଲିସ ଏଥିରେ ସମ୍ପୃକ୍ତି ନେଇ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଦୟାନିଧିନଗର ଦାଣ୍ଡିଆପାଲୀର ବିରେନ୍ଦ୍ର ନାୟକ(୩୨) ଓ କୋଏଲନଗର ବିଲ୍ଲକର ବିଜୟ କେତନ ରାଉତରାୟ(୫୨)। ପୋଲିସ ଏନେଇ ଏକ ମାମଲା(ନଂ.୧୨୯/୨୦୨୫) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛି। ଡିଏସ୍‌ପି ଜୋନ୍-୧ ଯୋଗେଶ ପଣ୍ଡା, ଥାନା ଅଧିକାରୀ ପ୍ରଦୀନ ନାଏକ ପ୍ରମୁଖ ଯୋଗଦେଇ ମାମଲା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡିଏସ୍‌ପି ପଣ୍ଡା ସୂଚନା ଦେଇ କହିଲେ, ଗତ ଅକ୍ଟୋବର ୧୦ରେ କୋଏଲନଗରର ଜଣେ ଅଭିଯୋଗକାରୀ ସଞ୍ଜୀବ ନାୟକ(୬୦) ଥାନାରେ ଜମି ସଂକ୍ରାନ୍ତରେ କିଛି ସରକାରୀ ଡକ୍ୟୁମେଣ୍ଟ ସହ ଏତଲା ଦେଇଥିଲେ। ସେ ତାଙ୍କ ଅଭିଯୋଗରେ କହିଥିଲେ, ରାଉରକେଲାରେ ଜମି କିଣିବା ପାଇଁ ସେ କିଛି ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ଅଭିଯୁକ୍ତ ତାଙ୍କର ପରିଚିତ ହେବାପରେ ବିଭିନ୍ନ ସ୍ଥାନରେ ଜମି କିଣିବା ପାଇଁ ପ୍ରସ୍ତାବ ଦେଇ ଆସୁଥିଲେ। ଝିରପାଣି ଥାନା ପଛପଟରେ କିଛି ଜମି ଥିବା ଅଭିଯୁକ୍ତମାନେ କହି ସେଟଲମେଣ୍ଟ କରିବା ପ୍ରତିଶୃତି ଦେଇଥିଲେ। ପ୍ରଥମ କିସ୍ତିରେ ଉଭୟ ୪ ଲକ୍ଷ ୮୫ ହଜାର ଟଙ୍କା ନେଇଥିଲେ। କିଛି ଦିନ ପରେ ନକଲି ସେଟଲମେଣ୍ଟ ପେପର ପ୍ରସ୍ତୁତ କରି ସଞ୍ଜୀବଙ୍କୁ ଧରାଇଥିଲେ। ହେଲେ ଜମିକୁ ସେମାନେ ହସ୍ତାନ୍ତର କରି ନ ଥିଲେ। ଜମି ହସ୍ତାନ୍ତର ପରେ ମୋଟ ରାଶି ଅଭିଯୁକ୍ତ ଦ୍ୱୟ ସଂଗ୍ରହ କରିବେ ବୋଲି କହିଥିଲେ। ହେଲେ ଉଭୟ ଏ ନେଇ ଟାଳଟୁଳ କରିଥିଲେ। ସନ୍ଦେହ କରି ସଞ୍ଜୀବୀ ଥାନାରେ ଡ଼କ୍ୟୁମେଣ୍ଟ ସହ ଏତଲା ଦେଇଥିଲେ। ପରେ ଏହାର ତଦନ୍ତକରି ପୋଲିସ ଡକ୍ୟୁମେଣ୍ଟ ଗୁଡ଼ିକ ନକଲି ବୋଲି ଜାଣିବାକୁ ପାଇଥିଲା। ଏ ବାବଦରେ ପ୍ରଥମେ ୨ ଜଣଙ୍କୁ ଗିରଫ କରାଯାଇଥିଲା। ଏଥିରେ ଅଧିକ ସମ୍ପୃକ୍ତି ନେଇ ତଦନ୍ତ ଜାରି ରହିଛି ବୋଲି ଡିଏସ୍‌ପି ପଣ୍ଡା ସୂଚନା ପ୍ରଦାନ କରିଛନ୍ତି।

# ଚାଷୀ ଆନ୍ଦୋଳନକୁ ସମର୍ଥନ କରିବ ଶ୍ରମିକ ସଙ୍ଗଠନ

ସମ୍ବଲପୁର, ୧୬।୧୨ (ବି.ଶଙ୍କର)


ମଙ୍ଗଳବାର ଆୟୋଜିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ବୈଠକରେ କର୍ମକର୍ତ୍ତାମାନେ।

**୧୯ରେ ବନ୍ଦ ଡାକରା**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଜରୁରିକାଳୀନ ବୈଠକ ମଙ୍ଗଳବାର ଅପରାହ୍ଣ ୫ଟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ହିନ୍ଦ ମଜଦୁର ସଭାର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ଏହି ବୈଠକରେ ଆଗାମୀ ୧୯ ତାରିଖରେ କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ହେବାକୁ ଥିବା ସମ୍ବଲପୁର ବନ୍ଦ ଡାକରାକୁ ସମର୍ଥନ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଧାନ ବିକ୍ରୟରେ ବିଳମ୍ବ, ଟୋକେନ ପାଇଁ ମଣ୍ଡିରେ ଅବ୍ୟବସ୍ଥା, ରାଜ୍ୟସ୍ତରରୁ ମଣ୍ଡିକୁ ନିୟନ୍ତ୍ରଣ, କଟନୀ ଛଟନୀ, ରାଜ୍ୟସ୍ତରୀୟ ନିୟନ୍ତ୍ରଣ ପରିବର୍ତ୍ତେ ଜିଲାସ୍ତରୀୟ କମିଟିକୁ କ୍ଷମତା ପ୍ରଦାନ ପ୍ରଭୃତି ଦାବି ପାଇଁ ଆନ୍ଦୋଳନର ଡାକରା ଯଥାର୍ଥ ବୋଲି କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ। ଏହା ପୂର୍ବରୁ ସମ୍ବଲପୁରରେ ହୋଇଥିବା ରାସ୍ତାରୋକୋ ଆନ୍ଦୋଳନରେ ଥିବା ଚାଷୀମାନଙ୍କୁ ଗିରଫ କରାଯିବା ଘଟଣାକୁ ନିନ୍ଦା କରାଯାଇଥିଲା । ଡିସେମ୍ବର ୧୯ରେ ପ୍ରସ୍ତାବିତ ସମ୍ବଲପୁର ବନ୍ଦ ଆନ୍ଦୋଳନକୁ ସଫଳ କରିବା ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ଓ ଜନ ସାଧାରଣଙ୍କୁ ସାମିଲ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଏହି ବୈଠକରେ ହିନ୍ଦ ମଜଦୁର ସଭାର ଗୋକୁଳ ମେହେର, ସଞ୍ଜିତ ମହାନ୍ତି, ସିଟୁର ମହେଶ୍ୱର ଷଣ୍ଢ, ଲଳିତ ପଟ୍ଟନାୟକ, ଏଆଇଟିୟୁସି ରୁ ରବୀନ୍ଦ୍ର ମହାନ୍ତି, ଅରୁଣ ଖୁଣ୍ଟିଆ, ଓସରୁ କର୍ମକର୍ତ୍ତା ସତ୍ୟଜିତ ମହନ୍ତି, ସୁଶାନ୍ତ ପଟ୍ଟନାୟକ, ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘରୁ ପ୍ରଣୟ ନାୟକ, ବିଏଜିବିରୁ ଭି.ରାମରାଓ, ପ୍ରଦୀପ ପଣ୍ଡା, ପୋଷ୍ଟାଲ ୟୁନିୟନରୁ ରୁପେଶ ବାଘ, ଛାତ୍ର ନେତା ମିଲନ ହୋତା, ଓକେକେଏସ ରୁ ଦେବଜ୍ୟୋତି ପଟ୍ଟନାୟକ, ବିଜୟ ଅଜମେରିଆ, ସୁଶୀଲ ପାଢ଼ୀ, ଅଟୋ ଚାଳକ ମହାସଂଘର ପ୍ରେମାନନ୍ଦ ମିଶ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଦେଶର ପ୍ରଗତିରେ ସମଭାଗୀ ହେବାକୁ ଆହ୍ୱାନ

## ମହିଳା ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ସଚେତନତା ସଭା

ସମ୍ବଲପୁର, ୧୬।୧୨ (ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥା (ଏନ୍ଏସ୍ଏସ୍) ଦ୍ୱାରା ସଚେତନତା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱ କରିଥିଲେ। ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଛାତ୍ରୀମାନଙ୍କୁ ଦେଶର ପ୍ରଗତିରେ ସମଭାଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ସ୍ୱେଚ୍ଛାସେବୀମାନେ ଆତ୍ମ ସଚେତନ ହୋଇ ପାରିଲେ ଦେଶର ପ୍ରଗତିରେ ସହାୟତା କରିପାରିବେ ବୋଲି ଅଧ୍ୟକ୍ଷା ମେହେର କହିଥିଲେ। ମୁଖ୍ୟ ଆଲୋଚକଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏନ୍ଏସ୍ଏସ୍ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସଂଯୋଜକ ଡ. ବିଶ୍ୱମୋହନ ଜେନା ଯୋଗଦାନ କରିଥିଲେ । ଜାତୀୟ ସେବା ସଂସ୍ଥାର ଲକ୍ଷ୍ୟ, କାର୍ଯ୍ୟକାରିତା ଓ ଆବଶ୍ୟକତା ଉପରେ ଆଲୋକପାତ କରିବା ସହିତ ବ୍ୟକ୍ତିତ୍ୱ ବିକାଶରେ ଜାତୀୟ ସେବା ସଂସ୍ଥାର ଯୋଗଦାନ ଉପରେ ଆଲୋଚନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ବିଜୟଲକ୍ଷ୍ମୀ ବରିହା କାର୍ଯ୍ୟକ୍ରମର ଆଭିମୁଖ୍ୟ ବ୍ୟକ୍ତବ୍ୟ ରଖିଥିଲେ । ଏନ୍ଏସ୍ଏସ୍ ସହାୟକ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ରାଜକିରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ସଂଯୋଜନା କରିଥିଲେ ।



ଏନଏସଏସ ଆୟୋଜିତ ସଚେତନତା ସଭାରେ ଅତିଥି ଓ ବକ୍ତାମାନେ ।

# ସମ୍ବଲପୁରୀ ନାଟକ ପ୍ରତିଯୋଗିତା ବୈଠକ

ସମ୍ବଲପୁର, ୧୬।୧୨ (ବି.ଶଙ୍କର)

ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ସମ୍ବଲପୁର ଝାଡୁଆପଡା ଯୁବ ଉଦୟନ କାର୍ଯ୍ୟାଳୟରେ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଚଳିତ ମାସ ୨୪ରୁ ୨୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରତିଯୋଗିତା ବିଷୟରେ ଆଲୋଚନା ହୋଇଥିଲା। ପାଞ୍ଚଦିନ ବ୍ୟାପି ହେବାକୁ ଥିବା ପ୍ରତିଯୋଗୀତାରେ ମୋଟ ୧୫ଟି ସମ୍ବଲପୁରୀ ନାଟକ ମଞ୍ଚସ୍ଥ ହେବ । ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟା୧୫ରୁ ଆରମ୍ଭ ହୋଇ ରାତି ୯ଟା ୪୫ରେ ଶେଷ ହେବ। ପ୍ରତ୍ୟେକ ଦିନ ୩ଟି ସମ୍ବଲପୁରୀ ନାଟକ ମଞ୍ଚସ୍ଥ ହେବାକୁ ସ୍ଥିର ହୋଇଛି । ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ମଞ୍ଚ ଅଭିନେତ୍ରୀ କନକ ତନସନାଙ୍କୁ ଚଳିତବର୍ଷର ଉଦୟନ ନାଟ୍ୟ ସମ୍ମାନ -୨୦୨୫ ସକାଶେ ମନୋନୟନ କମିଟି ଦ୍ୱାରା ମନୋନୀତ କରାଯାଇଛି। ସମ୍ବଲପୁର ଝାଡୁଆପଡାର ଯୁବଉଦୟନ ଅନୁଷ୍ଠାନ ଆୟୋଜିତ ହୋଇ ଆସୁଥିବା ବୀର ସୁରେନ୍ଦ୍ର ସାଏ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଥାଏ । ତେଣୁ ଏହି ସମ୍ମାନ ନିମନ୍ତେ ସମ୍ବଲପୁରୀ ନାଟକ ପ୍ରତି ସମର୍ପିତ ବହୁ ନାଟ୍ୟକର୍ମୀଙ୍କ ମଧ୍ୟରୁ କନକ ମନେନୀତ କରାଯାଇଛି। ସେ ଦୀର୍ଘ ପଚିଶ ବର୍ଷ ହେଲା ମଞ୍ଚ ନାଟକ ସହ ଜଡିତ ରହି ତାଙ୍କ ଉଚ୍ଚାଙ୍ଗ ଅଭିନୟ ନିମନ୍ତେ ବହୁ ପୁରସ୍କାର ଓ ସମ୍ମାନ ଅର୍ଜନ କରିଛନ୍ତି । ବିଶେଷ କରି ସମ୍ବଲପୁରୀ ନାଟକ କ୍ଷେତ୍ରରେ ତାଙ୍କ ଅତୁଳନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି ବୋଲି ଯୁବ ଉଦୟନର ସଭାପତି ମିଶ୍ର ପ୍ରକାଶ କରିଛନ୍ତି । ଚଳିତ ମାସ ୨୯ ତାରିଖ ସନ୍ଧ୍ୟାରେ ହେବାକୁ ଥିବା ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିବେ ବୋଲି ସମ୍ପାଦକ ଅଭିଷେକ ମିଶ୍ର କହିଛନ୍ତି ।

# ଭାଜପା ଟାର୍ଗେଟ୍‌କୁ ନିନ୍ଦନୀୟ କହିଲା ବିଜେଡି


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

ସମ୍ବଲପୁର, ୧୬।୧୨ (ପ୍ରମୋଦ ବହିଦାର)

**ଟୋକନ ସମସ୍ୟାରେ ଚାଷୀଙ୍କ ଆନ୍ଦୋଳନ ପ୍ରସଙ୍ଗ**

ଚାଷୀଙ୍କ ଆନ୍ଦୋଳନ ପ୍ରସଙ୍ଗରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀଙ୍କୁ ଭାଜପା ନେତାଙ୍କ ଟାର୍ଗେଟ୍ ନିନ୍ଦନୀୟ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ମଙ୍ଗଳବାର ସନ୍ଧ୍ୟାରେ ଅୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚାଷୀଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନ ନେଇ ରୋହିତଙ୍କୁ ଟାର୍ଗେଟ୍ କରିଥିବା ଭାଜପା ନେତାଙ୍କୁ ବିଜେଡି ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ବରିଷ୍ଠ ବିଜେଡି ନେତା ଆଇନଜୀବୀ ବସନ୍ତ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀର ବରିଷ୍ଠ ନେତା ବେଣୁଧର ଦାଶ କହିଛନ୍ତି, ବିଜେଡି ସରକାର ସମୟରେ ବିଧାନସଭାରେ ଇଂ. ପୂଜାରୀ ଚାଷୀମାନଙ୍କୁ ଯଥାଶୀଘ୍ର ଟୋକନ ବଣ୍ଟନ ଦାବି ସମ୍ପର୍କିତ ଭିଡିଓ ଦେଖାଇଥିଲେ। ବରିଷ୍ଠ ନେତା ଆଇନଜୀବୀ ଆର୍ତ୍ତତ୍ରାଣ ମିଶ୍ର ହାଇକୋର୍ଟ ବେଞ୍ଚ ପ୍ରସଙ୍ଗରେ ବିଜେଡିକୁ ଭାଜପାର ଦୋଷାରୋପର ଜବାବ ଦେଇ କହିଥିଲେ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ପାଇଁ ଲିଖିତ ପ୍ରସ୍ତାବ ଦେଇ ଏଥିପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ଓ କର୍ମଚାରୀଙ୍କ ଦରମାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମାତ୍ର ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ୧୮ ମାସ ବିତିଥିଲେ ସୁଦ୍ଧା ଏଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ବିଜେଡି ମୁଣ୍ଡରେ ଦୋଷ ଲଦି ନିଜର ଅପାରଗତାକୁ ଲୁଚାଇବାକୁ ଭାଜପା ନେତୃବୃନ୍ଦ ପ୍ରୟାସ କରୁଛନ୍ତି ବୋଲି ସେ ଅଭିଯୋଗ କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଜେଡି ନେତା ଆଇନଜୀବୀ ଅଶୋକ ସେନାପତି, ଜିଲା ସାଧାରଣ ସମ୍ପାଦକ ସୁରୁବାବୁ ମେହେର, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧର୍ମରାଜ ମରେଇ, ଯୁବ ବିଜେଡି ଜୋନ ସଭାପତି ଦେବାଶିଷ ପରିଡ଼ା, ଜିଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ, ଜୋନ ସୋସିଆଲ ମିଡ଼ିଆ ସଂଯୋଜକ ସୁବାସ ଜେନା, ବରିଷ୍ଠ ନେତା ସତ୍ୟେନ୍ଦ୍ର ଦାସ ଉପସ୍ଥିତ ଥିଲେ।

# କୁଚିଣ୍ଡା ଅଞ୍ଚଳରେ ୩୦ଟିକିଆ ହାତୀପଲ

କୁଚିଣ୍ଡା, ୧୬।୧୨ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ଡ଼ିଭିଜନ ଅନ୍ତର୍ଗତ କୁଚିଣ୍ଡା ରେଞ୍ଜ ଅଞ୍ଚଳରେ ଏକ ୩୦ଟିକିଆ ହାତିପଲ ଯୋଗୁ କୋକୁଆ ଭୟ ସୃଷ୍ଟି ହୋଇଛି। କୁଚିଣ୍ଡା ବ୍ଲକର କୁଟୁରାଚୁଆଁ ଓ ହାଡ଼ିପାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ସୋମବାର ତମାମ ଏହି ହାତୀପଲ ବିଚରଣ କରିଥିଲେ। ରାତିରେ କୁଟୁରାଚୁଆଁ, ସାତକମା, ହାଡ଼ିପାଲି, ପାନପାଲି ଆଦି ଗ୍ରାମରେ ହାତୀପଲ ଉପଦ୍ରବ କରି ମଙ୍ଗଳାର ସକାଳୁ ଝାରସୁଗୁଡ଼ା ଜିଲା ଢେଙ୍ଗୁରଯୋର ଜଙ୍ଗଲକୁ ଚାଲିଯାଇଛନ୍ତି। ସୋମବାର ରାତିରେ ହାତୀପଲ ହାଡିପାଲି(ଚୁଟିପଡା) ଗ୍ରାମର ରଘୁନାଥ ଛତ୍ରିଆଙ୍କ ଘର ଭାଙ୍ଗି ଗଚ୍ଛିତ ଥିବା ଧାନ ଚାଉଳ ଖାଇ ନଷ୍ଟ କରିଛନ୍ତି। ପଲରେ ଥିବା ଛୁଆ ହାତୀ ଚାଷୀଙ୍କ ପନିପରିବା ଚାଷ ମାଡ଼ି ଦଳି ନଷ୍ଟ କରି ଦେଇଛନ୍ତି। ଖବର ପାଇ କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଲେଖାରାଣୀ ମହାନନ୍ଦ କ୍ଷତିଗ୍ରସ୍ତ ଲୋକଙ୍କ ଘର ଓ ନଷ୍ଟ ହୋଇଥିବା ଚାଷ କ୍ଷୟକ୍ଷତିର ଆକଳନ କରିଛନ୍ତି।


ହାତୀପଲ ଭାଙ୍ଗି ଦେଇଥିବା ରଘୁନାଥ ଛତ୍ରିଆଙ୍କ ଘର।

# ବିଦ୍ୟୁତ୍ ଆଘାତରେ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

ନାକଟିଦେଉଳ, ୧୬।୧୨ (ବୈକୁଣ୍ଠନାଥ ସାହୁ)

ବାର୍‌ହା ଶିକାର ପାଇଁ ରାସ୍ତାରେ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ ଅନ୍ତର୍ଗତ ନେଭରାପାଲ ଗ୍ରାମର ଭକ୍ତ ନାଏକଙ୍କ ୨୦୨୪ ଅକ୍ଟୋବର ୨୯ରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ଓ ଅନ୍ୟମାନେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ମଙ୍ଗଳବାର ନାକଟିଦେଉଳ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠାରେ ବିଭାଗର କନିଷ୍ଠ ଯନ୍ତ୍ରୀ ତାପସ ସାହୁ ଟିପିଡବ୍ଲୁଓଡିଏଲ ପକ୍ଷରୁ ମୃତକଙ୍କ ସ୍ତ୍ରୀ ଜତି ନାଏକଙ୍କୁ ୫ ଲକ୍ଷ ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି। ଚେକ ପ୍ରଦାନ ବେଳେ ସାଲେଭଟା ସରପଞ୍ଚ ପାଣ୍ଡ ଚରଣ ପ୍ରଧାନ, ପୂର୍ବତନ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ଏବଂ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ଅକ୍ଟୋବର ୨୯ ତାରିଖ ରାତ୍ରି ପ୍ରାୟ ୮ଟାରେ ଭକ୍ତ ଅନ୍ୟ ଜଣେ ସାଙ୍ଗ ସହିତ ବାଇକରେ ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡରେ ବାର୍‌ହା ଶିକାର ପାଇଁ ରାସ୍ତାରେ ବିଛା ଯାଇଥିବା ଜୀବନ୍ତ ବିଦ୍ୟୁତ୍ ତାରରେ ଲାଗି ଭକ୍ତଙ୍କର ମୃତ୍ୟୁ ଘଟିଥିଲା।

# ସ୍ୱଦେଶୀ ଉତ୍ପାଦକୁ ବ୍ୟବହାର କର

**ଏନ୍ଏସ୍‌ସିବି ମହାବିଦ୍ୟାଳୟରେ ସ୍ୱଦେଶୀ ସଂକଳ୍ପ ପତ୍ରପାଠ**

ସମ୍ବଲପୁର, ୧୬।୧୨ (ବି.ଶଙ୍କର)

ଭାରତ ସରକାରଙ୍କ ଆତ୍ମ ନିର୍ଭର ଭାରତ ଅବସରରେ ସ୍ୱଦେଶୀ ସଂକଳ୍ପ ପତ୍ରପାଠ କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ଆବାହକତ୍ୱରେ ଶପଥ ପାଠ ଉତ୍ସବ ହୋଇଥିଲା । ନୋଡାଲ ଅଫିସର ତଥା ସ୍ନାତକୋତ୍ତର ଓଡ଼ିଆ ବିଭାଗମୁଖ୍ୟ ଡ.ଶ୍ୟାମ ଭୋଇ ଏହାକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଶାସନିକ ଅଧିକାରୀ ଡ.ଆଦିତ୍ୟ ମେହେର, ଆଇକ୍ୟୁଏସି ସଂଯୋଜକ ଡ. ରଘୁମଣି ନାଏକ, ଶୈକ୍ଷିକ ଅଧିକାରୀ ସହକାରୀ ପ୍ରଫେସର ହରିହର ମଲ୍ଲିକ ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ ପୂର୍ବକ ଶପଥ ପାଠ କରିଥିଲେ । ଏହି ସଂକଳ୍ପ ପାଠରେ ସ୍ୱଦେଶୀ ଉତ୍ପାଦକୁ ଗୁରୁତ୍ୱ ଦେବା ଓ ବ୍ୟବହାର କରିବାକୁ କୁହାଯାଇଥିଲା। ଅନ୍ୟ ଦେଶରୁ ଆମଦାନୀ କରାଯାଉଥିବା ଉତ୍ପାଦ ପରିବର୍ତ୍ତେ ତା'ର ବିକଳ୍ପ ଭାବେ ସ୍ୱଦେଶୀ ଉତ୍ପାଦକୁ ବ୍ୟବହାର କରିବା, ଘରେ ଘରେ ସ୍ୱଦେଶୀ, ତଥା କାର୍ଯ୍ୟକ୍ଷେତ୍ରରେ ଏ ସମ୍ବନ୍ଧରେ ସମସ୍ତଙ୍କୁ ଜଣାଇବା ଓ ସ୍ଥାନୀୟ କାରିଗରମାନଙ୍କୁ ଉତ୍ସାହିତ କରିବା, ତାଙ୍କ ଉତ୍ପାଦିତ ସାମଗ୍ରୀ କ୍ରୟକୁ ପ୍ରାଥମିକତା ଦେବା, ଯୁବପିଢ଼ି ଏବଂ ପିଲାମାନଙ୍କୁ ସ୍ୱଦେଶୀ ଉତ୍ପାଦର ଗୁରୁତ୍ୱ ବୁଝାଇବା, ସାମାଜିକ ଜୀବନରେ ଭାରତୀୟ ଭାଷାକୁ ବ୍ୟବହାର କରିବା, ପରିବେଶ ପ୍ରତି ଯତ୍ନବାନ ହେବା ସାଙ୍ଗକୁ ପରିବେଶ ଅନୁକୂଳ ସ୍ୱଦେଶୀ ଉତ୍ପାଦକୁ ବ୍ୟବହାର କରିବା ଏବଂ ନିଜ ଦେଶର ପର୍ଯ୍ୟଟନର ବିକାଶକୁ ପ୍ରାଥମିକତା ଦେବା ଆଦି ବିଷୟ ଗର୍ଭକ ସଂକଳ୍ପ ପାଠ କରାଯାଇଥିଲା ।

# ହୋମଗାର୍ଡ଼ ପଦବୀ ପାଇଁ ପରୀକ୍ଷା ଦେଲେ ୮ ହଜାର ପ୍ରାର୍ଥୀ

## ଯୋଗ୍ୟତା ୫ମ ପାସ୍, ପରୀକ୍ଷାରେ ଅବତୀର୍ଣ୍ଣ ହେଲେ ଉଚ୍ଚଶିକ୍ଷିତ

ସମ୍ବଲପୁର, ୧୬।୧୨ (ପ୍ରମୋଦ ବହିଦାର)

ସମ୍ବଲପୁରରେ ପୋଲିସ ଗୃହରକ୍ଷୀ ବାହିନୀ(ହୋମଗାର୍ଡ) ପଦବୀ ପାଇଁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷା ପରିଚାଳନା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଜମାଦାରପାଲି ବିମାନ ଅବତରଣ କେନ୍ଦ୍ରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମିଳିଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲାରେ ୧୮୩ଟି ପଦବୀ ପାଇଁ ପ୍ରାୟ ୧୧୫୬୦ ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦୩୪୦ ପ୍ରାର୍ଥୀ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଥିଲେ। ମାତ୍ର ମଙ୍ଗଳବାର ସମ୍ବଲପୁରରେ ଅନୁଷ୍ଠିତ ପରୀକ୍ଷାରେ ପ୍ରାୟ ୮ ହଜାର ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ସୂଚନାଯୋଗ୍ୟ ଯେ, ହୋମଗାର୍ଡ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ପାସ ରହିଥିବାବେଳେ ଏଥିରେ ସ୍ନାତକ, ସ୍ନାତକୋତ୍ତର ଓ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଶିକ୍ଷିତ ଯୁବକ ମଧ୍ୟ ପରୀକ୍ଷା ଦେଇଥିବା ଜଣାଯାଇଛି।


ଜମାଦାରପାଲି ବିମାନ ଅବତରଣ କେନ୍ଦ୍ରରେ ଲମ୍ବାଲାଇନ୍‌ରେ ଅପେକ୍ଷାରତ ହୋଇଗାର୍ଡ ପଦବୀର ପରୀକ୍ଷାର୍ଥୀ।

# ୨୭ରୁ ସମ୍ବଲପୁରରେ ଶ୍ରୀମତୀ ସମ୍ବଲପୁର

ସମ୍ବଲପୁର, ୧୬।୧୨ (ପ୍ରମୋଦ ବହିଦାର)



ଖବରଦାତା ସମ୍ମିଳନୀରେ ଆୟୋଜକ ବୀଣାପାଣି କଳାବିକାଶ କେନ୍ଦ୍ରର କର୍ମକର୍ତ୍ତା ।

**ଭାଗନେବେ ପଶ୍ଚିମ ଓଡ଼ିଶାର ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ**

ସମ୍ବଲପୁରରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଶ୍ରୀମତୀ ସମ୍ବଲପୁର-୨୦୨୫ (ମିସେସ୍ ସମ୍ବଲପୁର-୨୦୨୫)। ବୀଣାପାଣି କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୧୮ରୁ ୫୮ବର୍ଷ ବୟସ୍କ ବିବାହିତା ମହିଳାମାନେ ଭାଗ ନେଇପାରିବେ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷିରେ ସ୍ଥାନୀୟ ସାମ୍ବାଦିକ ଭବନରେ ମଙ୍ଗଳବାର ପୂର୍ବାହ୍ଣରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସୂର୍ଯ୍ୟପ୍ରକାଶ ଗୁରୁ ଏହି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ମହିଳାମାନେ ନିଜର ଅନ୍ତର୍ନିହିତ ପ୍ରତିଭାକୁ ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନ ଧରି ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୮୦ ଜଣ ପ୍ରତିଯୋଗୀ ଫେସନ କ୍ଷେତ୍ରରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ପ୍ରଥମ ଦିବସରେ ପ୍ରତିଯୋଗୀମାନେ ନିଜର ପରିଚୟ ପ୍ରଦାନ କରିବା ସହିତ ସମ୍ବଲପୁରୀ କଳା, ସଂସ୍କୃତି, ମହିଳା ସଶକ୍ତିକରଣ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେବେ। ଏହାବ୍ୟତୀତ ଦକ୍ଷତା(ଟ୍ୟାଲେଣ୍ଟ) ରାଉଣ୍ଡରେ ନିଜର ନୃତ୍ୟ, ଗୀତ, ପେଣ୍ଟିଂ, ଚିତ୍ରାଙ୍କନ, ରଙ୍ଗୋଲି ଆଦି ଦକ୍ଷତା ପ୍ରତିଯୋଗିତାରେ ଭାଗନେବେ। ଏଥିରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ୨୦ ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହେବେ। ଦ୍ୱିତୀୟ ଦିବସ ମାଇ କଲଚର୍ ମାଇ ପ୍ରାଇଡ୍ ଶୀର୍ଷକ ଫାଇନାଲରେ ୧୦ ରାଉଣ୍ଡ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଗୋଟିଏ ରାଉଣ୍ଡରେ ପ୍ରତିଯୋଗୀମାନଙ୍କ ସପରିବାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସେମାନେ ସମ୍ବଲପୁର ସମ୍ପର୍କିତ କେତେକ ପ୍ରଶ୍ନର ଉତ୍ତର ଦେବେ ବୋଲି ସୂଚନା ଦେଇଛନ୍ତି ଗୁରୁ। ଅନ୍ୟମାନଙ୍କ ମଧ୍ୟରେ ବୀଣାପାଣି କଳାବିକାଶ କେନ୍ଦ୍ର ଅଧ୍ୟକ୍ଷା ସୁପ୍ରଭା ସାହାଣୀ, ବ୍ରାଣ୍ଡ ପ୍ରମୋଟର୍ ପୂଜା ଚନ୍ଦା, ସଭାପିତ ସୁରେଶ ଛନ୍ଦ, ସମ୍ପାଦକ ଚମନ ବିଶ୍ୱକର୍ମା ପ୍ରମୁଖ ଉପସ୍ଥିତ ଥିଲେ।

